ବର୍ଷ-୨୫, ସଂଖ୍ୟା-୨୪
ଭୁବନେଶ୍ୱର
୨୪, ଜାନୁଆରୀ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 24
Bhubaneswar
24 January, 2025, Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

୫ ବର୍ଷରେ ଦିଲ୍ଲୀରୁ ବେକାରି ହଟିବ : କେଜ୍ରିୱାଲ୍

ନୂଆଦିଲ୍ଲୀ,୨୩।୧(ମହାଭାରତ): ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଏବେ ଜୋରସୋରରେ ଚାଲିଛି । ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଦଳର ନେତାମାନେ ବିଭିନ୍ନ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି । ଆମ୍ ଆଦମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍ରିୱାଲ ଆସନ୍ତା ୫ ବର୍ଷ ମଧ୍ୟରେ ରାଜଧାନୀରେ ବେକାରି ଦୂର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏକ ଭିଡିଓ ବାର୍ତ୍ତାରେ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି । ଯୁବବର୍ଗଙ୍କୁ ରୋଜଗାର ଯୋଗାଇବା ମୋର ସର୍ବୋଚ୍ଚ ପ୍ରାଥମିକତା ହେବ । ବେକାରୀ ସମସ୍ୟାର ସମାଧାନ ପାଇଁ ଆମ ଟିମ୍ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରୁଛି ବୋଲି ସେ କହିଛନ୍ତି । କେଜରିୱାଲ ତାଙ୍କ ସରକାରଙ୍କ ଟ୍ରାକ୍ ରେକର୍ଡ ଉପରେ ଆଲୋକପାତ କରି ଦାବି କରିଛନ୍ତି ଯେ ପଞ୍ଜାବର ଆପ୍ ସରକାର ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ୪୮,୦୦୦ ସରକାରୀ ଚାକିରି ପ୍ରଦାନ କରିଛନ୍ତି ଏବଂ ଯୁବବର୍ଗଙ୍କ ପାଇଁ ୩ ଲକ୍ଷରୁ ଅଧିକ ଘରୋଇ କ୍ଷେତ୍ରର ଚାକିରିରେ ସାହାଯ୍ୟ କରିଛନ୍ତି । ଆମେ ଚାକିରି ସୃଷ୍ଟି କରିବାକୁ ଜାଣୁ ଏବଂ ଆମର ଉଦ୍ଦେଶ୍ୟ ସଚ୍ଚୋଟ । ଲୋକଙ୍କ ସମର୍ଥନ ମିଳିଲେ ଆଗାମୀ ୫ ବର୍ଷ ମଧ୍ୟରେ ଆମେ ଦିଲ୍ଲୀରୁ ବେକାରୀ ଦୂର କରିବୁ ।

ଉବେର ଓ ଓଲାକୁ କେନ୍ଦ୍ର ସରକାରଙ୍କ ନୋଟିସ

ନୂଆଦିଲ୍ଲୀ,୨୩।୧(ମହାଭାରତ): ଅନଲାଇନରେ ଟ୍ୟାକ୍ସି ସେବା ଯୋଗାଉଥିବା ଦୁଇ ପ୍ରମୁଖ କମ୍ପାନୀକୁ ନୋଟିସ ପଠାଇଲେ କେନ୍ଦ୍ର ସରକାର । କେନ୍ଦ୍ର ସରକାର ଏକ ନୋଟିସ ପଠାଇ ଓଲା ଏବଂ ଉବେରକୁ ଜବାବ ମାଗିଛନ୍ତି । କେନ୍ଦ୍ର ସରକାର ପଚାରିଛନ୍ତି ଯେ ବିଭିନ୍ନ ଫୋନ୍ ବ୍ୟବହାରକାରୀଙ୍କ ପାଇଁ ଭିନ୍ନ ଭିନ୍ନ ଭଡ଼ା କାହିଁକି ଦେଖାଯାଉଛି ? କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏକ୍ସରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି ।ସମ୍ବାଦ ସରବରାହ ସଂସ୍ଥା ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହଲାଦ ଯୋଶୀ ଗୁରୁବାର କହିଛନ୍ତି ଯେ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ (ସିସିପିଏ) କ୍ୟାବ୍ ସେବା ପ୍ରଦାନକାରୀ ଓଲା ଏବଂ ଉବେରକୁ ଉପଭୋକ୍ତାଙ୍କ ମୋବାଇଲ୍ ସିଷ୍ଟମ୍ ଆଣ୍ଡ୍ରଏଡ୍ କିମ୍ବା ଆଇଓଏସ ପରିଚାଳନା ଆଧାରରେ ସମାନ ସେବା ପ୍ରଦାନ କରିବାକୁ କହିଛି । ସ୍ଥାନ ଗୋଟିଏ ଥିଲେ ବି ଭିନ୍ନ ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ଅଭିଯୋଗରେ କମ୍ପାନୀକୁ ନୋଟିସ୍ ଜାରି କରାଯାଇଛି । ଯୋଶୀ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି, ସିସିପିଏ ମାଧ୍ୟମରେ ପ୍ରମୁଖ କ୍ୟାବ୍ ଡ୍ରାଇଭର ଓଲା ଏବଂ ଉବେରକୁ ଏକ ନୋଟିସ ଜାରି କରାଯାଇଛି, ଯେଉଁଥିରେ ସେମାନଙ୍କୁ ଭିନ୍ନ ଭିନ୍ନ ମୋବାଇଲ୍ ଫୋନ୍ (ଆଇଫୋନ୍ ଏବଂ ଆଣ୍ଡ୍ରଏଡ୍) ମାଧ୍ୟମରେ ଗୋଟିଏ ସ୍ଥାନ ବୁକିଂ ପାଇଁ ଭିନ୍ନ ଭିନ୍ନ ଭଡା କାହିଁକି ନିଆଯାଉଛି ସେନେଇ ସ୍ପଷ୍ଟୀକରଣ ମଗାଯାଇଛି । ଗତ ମାସରେ, କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ ଯେ ଗ୍ରାହକ ଶୋଷଣ ପ୍ରତି ଶୂନ୍ୟ ସହନଶୀଳତା ରହିବ ଏବଂ ସିସିପିଏକୁ ଏହି ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ କହିଥିଲେ । ସେ ଏପରି କାର୍ଯ୍ୟକଳାପକୁ ଗ୍ରାହକଙ୍କ ଅଧିକାରର ଉଲ୍ଲଂଘନ ବୋଲି ବର୍ଣ୍ଣନା କରିଥିଲେ । ଡିସେମ୍ବର ୨୦୨୪ରେ ଏହି ଘଟଣାଟି ସାମ୍ନାକୁ ଆସିଥିଲା ଯେତେବେଳେ ଜଣେ ୟୁଜର ଉବେର ଆପରେ ଦୁଇଟି ଫୋନର ଏକ ଫଟୋ ସେୟାର କରିଥିଲେ ଯାହା ଏକ ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ ଭିନ୍ନ ଭିନ୍ନ ଭଡା ଦର୍ଶାଉଥିଲା ।

କଟକରେ ନେତାଜୀ ଜୟନ୍ତୀ, ପରାକ୍ରମ ଦିବସ ପାଳିତ

ଭୁବନେଶ୍ୱର,୨୩।୧(ମହାଭାରତ): ନେତାଜୀ ଥିଲେ ଅଦମ୍ୟ ସାହସର ମୂର୍ତ୍ତିମନ୍ତ ପ୍ରତୀକ ତାଙ୍କ ଜନ୍ମର ୧୦୦ ବର୍ଷ ପରେ ମଧ୍ୟ ଯେତେବେଳେ ସଂଗ୍ରାମ ଓ ଦେଶାତ୍ମବୋଧର ଆଲୋଚନା ହୁଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମ ସର୍ବାଗ୍ରେ ରହିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ଠାରେ ପରାକ୍ରମ ଦିବସ ପାଳନ ଅବସରରେ କହିଛନ୍ତି।

ବାରବାଟୀ ଦୁର୍ଗର ସତ୍ୟବ୍ରତ ଷ୍ଟାଡିୟମ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଆୟୋଜିତ ପରାକ୍ରମ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ବ୍ରିଟିଶ ଶାସନ ବିରୋଧରେ ନେତାଜୀଙ୍କ ବୀରତ୍ୱ ଓ ଯୁଦ୍ଧ କୌଶଳ ଦେଶର ସ୍ୱାଧୀନତା ପାଇଁ ଏକ ମୁଖ୍ୟ କାରଣ ଥିଲା। ଏହି ବୀର ଜନନାୟକଙ୍କୁ ସମ୍ମାନ ଅର୍ପଣ କରିବା ପାଇଁ ତାଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୧ ଜାନୁଆରୀ ୧୯ ତାରିଖରୁ ଘୋଷଣା କରିଛନ୍ତି। ଓଡିଶାର ଏହି ବୀର ସନ୍ତାନଙ୍କ ଜନ୍ମ ସହରରେ ତାଙ୍କ ଜନ୍ମ ଦିବସକୁ ପାଳନ କରିବା ଆମ ପାଇଁ ବଡ ସୌଭାଗ୍ୟର ଅବସର ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଅନେକ ଐତିହାସିକ ଓ ସେ ସମୟର ବ୍ରିଟିଶ ଶାସକ ମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ନେତାଜୀଙ୍କ ସଶସ୍ତ୍ର ସଂଗ୍ରାମ ହୋଇନଥିଲେ, ହୁଏତ ଆହୁରି କିଛି ବର୍ଷ ବ୍ରିଟିଶ ସରକାର ଭାରତରେ ଶାସନ କରିପାରିଥାନ୍ତେ। ନେତାଜୀଙ୍କ ବୀରତ୍ୱ ଓ

ସଂଗ୍ରାମକୁ ସମ୍ମାନ ପ୍ରଦର୍ଶନ କରି ଆମ ପ୍ରଧାନମନ୍ତ୍ରୀ ୨୦୧୮ ଡିସେମ୍ବର ୩୦ ତାରିଖରେ ଭାରତ ବର୍ଷର ରସ୍ ଦ୍ୱୀପକୁ ନେତାଜୀ ସୁଭାଷ ବୋଷ ଦ୍ୱୀପ ଭାବେ ନାମ କରଣ କରିଛନ୍ତି ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ ଆଜି ତାଙ୍କ ଜନ୍ମ ସହର କଟକ ସାରା ଦେଶରେ ଗର୍ବିତ। କଟକର ଓଡିଆ ବଜାର ହେଉଛି ନେତାଜୀଙ୍କ ଜନ୍ମସ୍ଥାନ। ତାଙ୍କ ବାଲ୍ୟ ଜୀବନ ଏହିଠାରେ ହିଁ କଟିଛି। ରେଭେନ୍ସା କଲିଜିଏଟ୍ ସ୍କୁଲର ସେ ଜଣେ ମେଧାବୀ ଛାତ୍ର ଥିଲେ। କଟକରୁ ହିଁ ନେତାଜୀ ସୁଭାଷଙ୍କ ହୃଦୟରେ ଇଂରେଜ ମାନଙ୍କ ବିରୋଧରେ ବିଦ୍ରୋହର ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଲେ ଯେ, ନେତାଜୀ ଆମ ଇତିହାସ ପୃଷ୍ଠାର ଏଭଳି ଜଣେ ନାୟକ ଥିଲେ ଯାହାଙ୍କ ଜୀବନୀ ଓ ସଂଘର୍ଷର କାହାଣୀ ପଢିଲେ ଦେହରେ ରୋମାଞ୍ଚ ଭରିଉଠିବା ସହିତ ଆଖିରେ ଦୁଇ ଠୋପା ଲୁହ ମଧ୍ୟ ଜକେଇ ଆସେ। ଉଭୟ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଗଭୀର ପ୍ରଭାବ ଥିଲା। ଏକ ମୁକ୍ତ ଭାରତ ପ୍ରତି ତାଙ୍କର ପ୍ରତିବଦ୍ଧତା, ଦୃଷ୍ଟିକୋଣ ଏବଂ ନିର୍ଭିକ ନେତୃତ୍ୱ ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିଛି ଓ ରହିଥିବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ଓ କଟକ ସହିତ ତାଙ୍କ ସମ୍ପର୍କ ବିଷୟରେ ଆଗାମୀ ପିଢିଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ଏଭଳି ଜଣେ ଦେଶଭକ୍ତ ଓ ସଂଗ୍ରାମୀଙ୍କ ବିଷୟରେ ଆମ ଯୁବପିଢି ବିସ୍ତୃତ ଭାବେ ପଢିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଉପସ୍ଥିତ ଆଇ.ଏନ.ଏ ଭେଟେରାନ ଲେଫ୍ଟନାଣ୍ଟ ଆର୍. ମାଧବନ ପିଲାଇଙ୍କୁ ମୁଖ୍ୟମନ୍ତ୍ରୀ ସଭାମଞ୍ଚରୁ ଓହ୍ଲାଇ ସମ୍ବର୍ଦ୍ଧିତ କରିଥିଲେ।

ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ସତ୍ୟବ୍ରତ ଷ୍ଟାଡିୟମ ଠାରେ ନେତାଜୀଙ୍କ ଜୀବନୀ ସମ୍ବନ୍ଧିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଛି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି ସିଂହଦେଓ, କେନ୍ଦ୍ର ସଂସ୍କୃତି ସଚିବ ଅରୁଣିଶ ଚାଲା ପ୍ରମୁଖ ଉପସ୍ଥିତ ଥିଲେ।

ପତ୍ନୀଙ୍କୁ ମାରି ପ୍ରେସର କୁକରରେ ସିଝାଇଲେ

ହାଇଦ୍ରାବାଦ,୨୩।୧(**ମହାଭାରତ**): ଜଣେ ସେନା କର୍ମଚାରୀ ରାଗିଲେ କେମିତି ବର୍ବର କାଣ୍ଡ ଘଟାଇ ପାରେ ଏବେ ତା'ର ଆଉ ଏକ ଉଦାହରଣ ସାମ୍ନାକୁ ଆସିଛି। ସେନା ବାହିନୀରୁ ଅବସର ନେଇ ଥିବା ଗୁରୁ ମୂର୍ତ୍ତି ତାଙ୍କ ପତ୍ନୀଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ପତ୍ନୀଙ୍କ ମୃଦଦେହକୁ ଖଣ୍ଡଖଣ୍ଡ କରି ପ୍ରେସର କୁକରରେ ସିଝାଇଛନ୍ତି। ଏହାପରେ ସିଝି ଯାଇଥିବା ହାଡ଼ ଓ ମାଂସକୁ ନିକଟସ୍ଥ ହ୍ରଦରେ ଭସାଇ ଦେଇଛନ୍ତି। ତେଲଙ୍ଗାନାର ହାଇଦ୍ରାବାଦରେ ଏପରି ଏକ ଘଟଣା ପୂରା ଦେଶକୁ ଦୋହଲାଇ ଦେଇଛି। ଆଜିକୁ ଠିକ ୧୨ ବର୍ଷ ତଳେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ସମାନ ଘଟଣା ଘଟିଥିଲା।

୩୫ ବର୍ଷୀୟ ଭେଙ୍କଟ ମାଧବୀ କିଛି ଦିନ ଧରି ନିଖୋଜ ରହିଥିବାରୁ ତାଙ୍କ ବାପା ମା' ପୁଲିସରେ ଅଭିଯୋଗ କରିଥିଲେ। ଜାନୁଆରୀ ୧୮ରେ ମୀରପେଟ ପୁଲିସ୍ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ୍ ମାଧବୀଙ୍କ ପତ୍ନୀ ଗୁରୁ ମୂର୍ତ୍ତିଙ୍କୁ ଗିରଫ କରିଛି। ସେ ମାଧବୀଙ୍କ ସହ ଭୟଙ୍କର କାଣ୍ଡ ଘଟାଇଥିଲେ ହେଁ କିଛି ନ ଜାଣିଲା ଭଳି ଅଭିନୟ କରିଥିଲେ। ଏପରି କି ସେ ମାଧବୀଙ୍କ ପରିବାର ଲୋକଙ୍କ ସହ ମିଶି ପୁଲିସ୍ ଷ୍ଟେସନରେ ନିଖୋଜ ଅଭିଯୋଗ ଦାଖଲ କରିବାକୁ ମଧ୍ୟ ଆସିଥିଲେ।କିନ୍ତୁ ଚୋର ଘର ଅନ୍ଧାର ନଥିଲା ଭଳି ପୁଲିସ୍ ଘଟଣାର ଯାଞ୍ଚ କରିବା ପରେ ପୂରା ସତ ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡ଼ିଛି ଯେ ଗୁରୁ ମୂର୍ତ୍ତି ପତ୍ନୀ ମାଧବୀଙ୍କ ଚରିତ୍ରକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ଏଥିପାଇଁ ସେମାନଙ୍କ ମଧ୍ୟରେ ପ୍ରାୟ ସବୁଦିନ ଝଗଡ଼ା ଲାଗୁଥିଲା। ଏଥିରେ ରାଗି ଯାଇ ଗୁରୁ ମୂର୍ତ୍ତି ପତ୍ନୀଙ୍କୁ ହତ୍ୟା କରିବା ପରେ ଏପରି କାଣ୍ଡ ଘଟାଇଛି। ଗୁରୁ ମୂର୍ତ୍ତିଙ୍କ ଘର ପ୍ରକାସମ ଜିଲ୍ଲାରେ। ସେ ସେନା ବାହିନୀରୁ ଅବସର

ନେବା ପରେ ଡିଆରଡିଓରେ ସିକ୍ୟୁରିଟି ଗାର୍ଡ ଭାବେ କାଞ୍ଚନବାଗ ଅଞ୍ଚଳରେ କାମ କରୁଥିଲା। ମାଧବୀ ହାଇଦ୍ରାବାଦର ଜିଲ୍ଲେଲାଗୁଡ଼ାରେ ନିଜର ଗୋଟିଏ ପୁଅ ଓ ଝିଅଙ୍କ ସହ ରହୁଥିଲେ।

ଗୁରୁ ମୂର୍ତ୍ତି ପୁଲିସକୁ କହିଛନ୍ତି ଯେ ଝଗଡ଼ା ପରେ ପତ୍ନୀ ମାଧବୀ ତାଙ୍କ ବାପାଙ୍କ ଘର ନନ୍ଦୟାଲ ଯିବାକୁ ଜିଦ କରିଥିଲେ। ହେଲେ ଏଥିରେ ଗୁରୁ ମୂର୍ତ୍ତି ଗ୍ରହଣ କରିଥିଲେ। ତଥାପି ମାଧବୀ ଜିଦ କରିବାରୁ ସେ ରାଗି ଯାଇ ତାଙ୍କୁ ମାରି ଦେଇଥିଲେ। ପତ୍ନୀଙ୍କୁ ମାରିବା ପରେ ସେ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ଏଥିପାଇଁ ସେ ମାଧବୀଙ୍କ ମୃତଦେହକୁ ବାଥରୁମରେ ଖଣ୍ଡଖଣ୍ଡ କରି କାଟି ଦେଇଥିଲେ।

ଏହାପରେ ସେଗୁଡ଼ିକୁ ପ୍ରେସର କୁକରରେ ସିଝାଇଥିଲେୟ ସିଝାଇବା ପରେ ସେ ହାଡ଼ ଓ ମାଂସକୁ ଅଲଗା କରିବାକୁ ଚେଷ୍ଟା କରିଥିଲେ। ଏଥିପାଇଁହେମଦସ୍ତାରେ ସେ ସିଝି ଯାଇଥିବା ଶରୀରର ଖଣ୍ଡ ବିଖଣ୍ଡିତ ଅଂଶକୁ ଛେଡିଥିଲେ। ଏହାପରେ ସେଗୁଡ଼ିକୁ ପୁଣି ସିଝାଇଥିଲେ। ୩ ଦିନ ଧରି ସେ ଏକାଧିକ ଥର ମାଧବୀଙ୍କ ହାଡ଼ ଓ ମାଂସକୁ ପ୍ରେସର କୁକରରେ ସିଝାଇଥିଲେୟ ଶେଷରେ ସେ ଗୋଟିଏ ଅଖାରେ ସିଝି ଯାଇଥିବା ହାଡ଼ ଓ ମାଂସକୁ ଭର୍ତ୍ତି କରିଥିଲେ। ଶେଷରେ ସେଗୁଡ଼ିକୁ ନିକଟସ୍ଥ ଚନ୍ଦନ ହ୍ରଦରେ ଫିଙ୍ଗି ଦେଇଥିଲେ।ପୁଲିସ ଗୁରୁ ମୂର୍ତ୍ତିଙ୍କ ଭୟଙ୍କର କାଣ୍ଡ ସମ୍ପର୍କରେ ଜାଣିବା ପରେ ପୂରା ଦୋହଲି ଯାଇଛି। ପୁଲିସ୍ ତାଙ୍କୁ ଗିରଫ କରିଥିଲେ ହେଁ ମାଧବୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରିପାରି ନାହିଁ।ଏବେ ଘଟଣାର ଅଧିକ ତଦନ୍ତ ଚାଲିଛି।

ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୨୩।୧(**ମହାଭାରତ**): ନବ ଦାସ ହତ୍ୟାକାଣ୍ଡ ମାମଲାରେ ସରକାର ଶୀଘ୍ର ନିଷ୍ପତ୍ତି ନେବେ। ବିଭିନ୍ନ ତଥ୍ୟ ଗୋଟି ଗୋଟି କରି ସାମ୍ନାକୁ ଆସୁଛି। ଏଭଳି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ ଆହୁରି କହିଛନ୍ତି, ପୂର୍ବ ସରକାର ସମୟରେ ଭୟର ବାତାବରଣ ଥିବାରୁ ଅନେକ ଲୋକ ମୁହଁ ଖୋଲୁନଥିଲେ, ଏପରିକି ନବ ଦାସଙ୍କ ପରିବାର ଲୋକ ମଧ୍ୟ ମୁହଁ ଖୋଲିବାକୁ ସାହାସ କରୁନଥିଲେ, ସେ ଭୟ ଦୂରେଇ ଯାଇଛି। ତେଣୁ ଅନେକ ତଥ୍ୟ ଧୀରେ ଧୀରେ ସାମ୍ନାକୁ ଆସିବା ଆରମ୍ଭ ହୋଇଛି ଆଉ ସେହି ସବୁ ତଥ୍ୟକୁ ହୁଏତ ଆଗାମୀ ଦିନରେ ତଦନ୍ତ ପରିସରଭୁକ୍ତ କରାଯିବ।

ସିବିଆଇ ତଦନ୍ତ କରିବାକୁ ଝିଅ ଦୀପାଳି ଦାବି କରିବା ପରେ ଏହାକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି। ଏ ଘଟଣା ନବୀନ ସରକାରଙ୍କ ସମୟରେ ଘଟିବା ସହ ସେତେବେଳେ ତଦନ୍ତ ନେଇ ମୁହଁ ଖୋଲିନଥିବା ଦୀପାଳି ଏବେ ସିବିଆଇ ତଦନ୍ତ ଦାବି କରିଛନ୍ତି। କିନ୍ତୁ ସରକାରଙ୍କୁ ଏନେଇ ଲିଖିତ ଅନୁରୋଧ କରିନାହାନ୍ତି।

ସିବିଆଇ ତଦନ୍ତ କରିବାକୁ ଝିଅ ଦୀପାଳି ଦାବି କରିବା ପରେ ଏହାକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି। ଏ ଘଟଣା ନବୀନ ସରକାରଙ୍କ ସମୟରେ ଘଟିବା ସହ ସେତେବେଳେ ତଦନ୍ତ ନେଇ ମୁହଁ ଖୋଲିନଥିବା ଦୀପାଳି ଏବେ ସିବିଆଇ ତଦନ୍ତ ଦାବି କରିଛନ୍ତି। କିନ୍ତୁ ସରକାରଙ୍କୁ ଏନେଇ ଲିଖିତ ଅନୁରୋଧ କରିନାହାନ୍ତି। ଏହାକୁ ନେଇ ମୁହଁ ଖୋଲିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନୟ କହିଛନ୍ତି ଏହି ମାମଲାରେ ତଦନ୍ତ ପ୍ରକ୍ରିୟା କଣ ହେବ, ସେ ନେଇ ସରକାର ଆଗକୁ ନିଷ୍ପତ୍ତି ନେବେ, ବିଭିନ୍ନ ତଥ୍ୟ ଗୋଟି ଗୋଟି କରି ସାମ୍ନାକୁ ଆସୁଛି।

ମନ୍ତ୍ରୀ ସୁରେଶ ପୂଜାରୀ ସେ କହିଛନ୍ତି, ବହୁ ତଥ୍ୟ ସେ ସମୟରେ ଦେଇଥିଲି, ଆଜି ବି ଦେଇଛି। ଏ ବିଷୟରେ ବିସ୍ତାର ଭାବେ ଆଗକୁ ଆଲୋଚନା ହେବ। ବରଗଡ଼ ଲୋକସଭା ଏମପି ବଡ଼ ବୟାନ ଦେଇଛନ୍ତି। ପ୍ରଦୀପ କହିଛନ୍ତି, ନବ ଦାସ ହତ୍ୟା ପଛରେ ଚକ୍ରାନ୍ତକାରୀ ଗୋଷ୍ଠୀର ହାତ ଥିବା ପୂର୍ବରୁ କହିଥିଲି। ନବୀନଙ୍କ ପରେ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ହିଁ ମୁଖ୍ୟ ଷଡ଼ଯନ୍ତ୍ରକାରୀ।

ପରାକ୍ରମ ଦିବସ ରେ ସେଣ୍ଟ୍ରାଲ ହଲରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ।

ବିରୋଧୀଙ୍କୁ ବାଚସ୍ପତିଙ୍କ ଚେତାବନୀ

ଭୁବନେଶ୍ୱର,୨୩।୧(**ମହାଭାରତ**): ଆଜି ବାଚସ୍ପତି ସୁରମା ପାଢ଼ୀ ବିରୋଧୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ବାଚସ୍ପତି କହିଛନ୍ତି, ବିଧାନସଭାରେ ବିରୋଧୀ ବିଶୃଙ୍ଖଳା ଆଚରଣ କଲେ ଏଥର କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାରୀ ଦଳ ବଜେଟ୍ ଉପସ୍ଥାପନା କରିବେ।ବିରୋଧୀ ଦଳଙ୍କର ଯଦି କୌଣସି ବିଷୟ ଉପସ୍ଥାପନ କରିବାର ଥିବ ତେବେ ଗଠନମୂଳକ ପରାମର୍ଶ ଦେଲେ ଏହା ନିଶ୍ଚିତ ଉପାଦେୟ ହେବ। ବିରୋଧୀମାନେ ବିରୋଧାଭାସ କଲେ, ବିଶୃଙ୍ଖଳା କଲେ ଚଳିତ ଏହି ବିଶୃଙ୍ଖଳାକୁ ଆଉ ବରଦାସ୍ତ କରାଯିବ ନାହିଁ । ବିରୋଧୀ ଦଳ ବିରୋଧୀ ଭୂମିକା ଲିଭାନ୍ତୁ। ଗଠନମୂଳକ ପରାମର୍ଶ ଦିଅନ୍ତୁୟ ସମୟ ଅଛି ସର୍ବଦଳୀୟ ବୈଠକ ଡକାଯିବ। ଏ ନେଇ ତାରିଖ ସ୍ଥିର ହୋଇନି ବୋଲି ସୁରମା କହିଛନ୍ତି ।

- ବିଧାନସଭାରେ ବିଶୃଙ୍ଖଳା ଆଚରଣ କଲେ କାର୍ଯ୍ୟାନୁଷ୍ଠାନ : ବାଚସ୍ପତି
- ଗଣତନ୍ତ୍ରରେ ବିରୋଧୀଙ୍କ ସ୍ୱର ଚପାଇବା ପାଇଁ ଉଦ୍ୟମ :ବିରୋଧୀ ଦଳ ମୁଖ୍ୟ ସଚେତକ

ବାଚସ୍ପତି ସୁରମା ପାଢ଼ୀଙ୍କ ତାଗିଦ ପରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଗଣତନ୍ତ୍ରରେ ବିରୋଧୀଙ୍କ ସ୍ୱର ଚପାଇବା ପାଇଁ ବାଚସ୍ପତି ଉଦ୍ୟମ କରୁଛନ୍ତି । ନାଲି ଆଖି ଦେଖାଇଲେ

ବ୍ରେଡ ଉତ୍ତପମ

ଆବଶ୍ୟକୀୟ ସାମଗ୍ରୀ : ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା,
ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଳା ଲଙ୍କା, ଟମାଟୋ କଟା ଅଳ୍ପ,
ତେଲ ଓ ସ୍ୱାଦ ଅନୁସାରେ ଲୁଣ ।

ପ୍ରସ୍ତୁତ ପ୍ରଣାଳୀ: ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ । ତାପରେ ଏକ ମକ୍ସଳର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ । ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ ।

ଖବର

ଚଳଚ୍ଚିତ୍ର 'ଆଶିକ ଦିୱାନା'ର ଶୁଭ ମହୁରତ

ନୂଆ ଓଡ଼ିଆ କଥାଚିତ୍ର 'ଆଶିକ ଦିୱାନା'ର ଶୁଭ ମହୁରତ ଅନୁଷ୍ଠିତ ହୋଇ ଯାଇଛି । ମହାଦେବ ପ୍ରଡକ୍ସନ ନିବେଦିତ ତଥା ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରଯୋଜିତ ଏହି କଥାଚିତ୍ରର ଶୁଭ ମହୁରତ ସ୍ଥାନୀୟ ଗଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଏହି ମହୁରତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବରିଷ୍ଠ ପ୍ରଯୋଜକ ଅକ୍ଷୟ କୁମାର ପରିଜା ମହୁରତ କ୍ଲାପ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରମୋଦ ଅର୍କିଡ଼ ରିଟ୍ରିଟର ନିର୍ଦ୍ଦେଶକ ବନ୍ଦନ ମହାନ୍ତି, ପ୍ରଯୋଜକ ସଜିକାନ୍ତ ଜେନା, ପ୍ରକାଶ ଫିଲ୍ମସର ନିର୍ଦ୍ଦେଶକ ପ୍ରଶାନ୍ତ ବେହେରା, ଅଭିନେତା ପପୁ ପମ ପମ, ଆମ ଟିଭି ନିର୍ଦ୍ଦେଶକ ପ୍ରଣୟ ଜେଠୀ, ପ୍ରଯୋଜକ ଅମୂଲ୍ୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।'ତୁ ମୋ ଆଖିର ତାରା', 'ଦେ ମା ଶକ୍ତି ଦେ', 'ତୁ ମୋ ଗାର୍ଲଫ୍ରେଣ୍ଡ', 'ଦିୱାନା ଦିୱାନୀ' ଓ 'ଆଶିକ' ପରି ୬ଟି ସଫଳ ଚଳଚ୍ଚିତ୍ର ଭେଟି ଦେଇଥିବା ନିର୍ମାତା ପ୍ରମୋଦ କୁମାର ସ୍ୱାଇଁ ଦୀର୍ଘ ବର୍ଷ ପରେ ପୁଣି ଥରେ ପ୍ରଯୋଜନା କ୍ଷେତ୍ରକୁ ଫେରିଛନ୍ତି । ତାଙ୍କ ସହିତ ଅନ୍ୟତମ ପ୍ରଯୋଜକ ଅଛନ୍ତି ସଂଜୀବ ବିଶ୍ୱାଳୟ ଏଥର ନିର୍ଦ୍ଦେଶନାର ଭାର ତୁଲାଉଛନ୍ତି ଓଲିଉଡ଼ର ଅନ୍ୟତମ ସଫଳ ନିର୍ଦ୍ଦେଶକ ଏସ. ଦିଲୀପ ପଣ୍ଡାୟସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ । ସଙ୍ଗୀତ ଦେଇଛନ୍ତି ଜେ. ଏନ ପଦ୍ମୟ ଅନେକ ଗୁଡିଏ ସଫଳ ଆଲବମର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ପଦ୍ମା ପ୍ରଥମ ଥର ପାଇଁ ଚଳଚ୍ଚିତ୍ର ଜଗତରେ ପାଦ ରଖିଛନ୍ତି । ଡ. ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଓ ମନୋଜ କୁମାର ପଣ୍ଡା ଗୀତ ରଚନା କରିଛନ୍ତି । ଗୀତ ଗୁଡିକରେ ଓଲିଉଡ଼ର ସମସ୍ତ ଆଗଧାଡିର କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଅସୀମା ପଣ୍ଡା, ଦିପ୍ତୀରେଖା ପାଢ଼ୀ, କୁଲଦୀପ, ସତ୍ୟଜିତ, ସ୍ୱୟଂ ପାଢ଼ୀ, ଅନ୍ତରା ଚକ୍ରବର୍ତ୍ତୀ ଓ ଅନନ୍ୟା ଶ୍ରୀତମ ନନ୍ଦ କଣ୍ଠଦାନ କରିଛନ୍ତି ।'ଆଶିକ ଦିୱାନା'ର ମୁଖ୍ୟ ଭୂମିକାରେ ଦୀପକ ଓ ରିୟା ନଜର ଆସିବେ । ଅନ୍ୟାନ୍ୟ ଚରିତ୍ରରେ ପ୍ରିୟଙ୍କା ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ, ବବି ମିଶ୍ର, ଜୀବନ ପଣ୍ଡା, ଅମର ମହାପାତ୍ର, ଇଲିଆନା ପଣ୍ଡା ଓ ଡିସ୍କୋ ରେଡ୍ଡୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ । କ୍ରିଏଟିଭ ପ୍ରଡକ୍ସନ ଡିଜାଇନର ଦାୟିତ୍ୱ ସମ୍ଭାଳିବେ ଅମର ମହାପାତ୍ର । ପ୍ରଚାର ପ୍ରସାର ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି ହରପ୍ରସାଦ ମହାପାତ୍ର ।ଚଳଚ୍ଚିତ୍ରର କାହାଣୀ ପ୍ରେମ ଉପରେ ପର୍ଯ୍ୟବେସିତ । ଏହା ସହିତ ଏଥିରେ ଆକ୍ସନ, ଇମୋସନ, ଫାମିଲି ଡ୍ରାମା, କମେଡି ସବୁକିଛି ଭରି ରହିଛି । ଏହି କାହାଣୀଟି ଦର୍ଶକଙ୍କୁ ବେଶ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି । ଚଳଚ୍ଚିତ୍ରଟି ଆଗାମୀ ସପ୍ତାହରେ ଫ୍ଲୋରକୁ ଆସିବ ।

ଶିବ ପୁରାଣ

ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଳୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ୟେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା ମଧ୍ୟରୁ ରୁଦ୍ର ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି ।



ଡାଇବେଟିସ ଓ ହାଇ ବ୍ଲଡପ୍ରେସର ରୋଗରୁ ରକ୍ଷା କରେ ମେଥି

ମେଥିର ଔଷଧୀୟ ଗୁଣ ବିଷୟରେ ତ ଆପଣ ବହୁତ ଶୁଣିଥିବେ । ପ୍ରାୟ ସମସ୍ତଙ୍କ ଘରେ ଏହାର ବ୍ୟବହାର କରାଯାଇଥାଏ । ଏଥିରେ ଫୋଲିକ ଏସିଡ, ମ୍ୟାଗନେସିୟମ୍, ସୋଡିୟମ, ଜିଙ୍କ, ପକର, ନିୟାସିନ, ଥିୟାମୀନ ଓ କେରୋଟିନ ଇତ୍ୟାଦି ପୋଷକ ତତ୍ତ୍ୱ ମିଳିଥାଏ । ମେଥିରେ ପ୍ରୟୋଗ ସୌନ୍ଦର୍ଯ୍ୟ ବଢାଇବା ପାଇଁ ମଧ୍ୟ କରାଯାଇଥାଏ । ତାହେଲେ ଆସନ୍ତୁ ଜାଣିବା ମେଥିର ସେହି ଔଷଧୀୟ ଗୁଣ ବିଷୟରେ ଯାହା ଆପଣ ପୂର୍ବରୁ କେବେ ବି ଶୁଣିନଥିବେ ।

ବଦହଜମି: ଘରୋଇ ଭାବେ ମେଥିଦାନା ବହୁତ ଉପକାରୀ ହୋଇଥାଏ । ବଦହଜମି ହୋଇଥିଲେ ଅଧାଚାମଚ ମେଥିଦାନାକୁ ପାଣି ସହିତ ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । ଅଣ୍ଟାରେ ଯନ୍ତ୍ରଣା : ଆୟୁର୍ବେଦିକ ଚିକିତ୍ସକଙ୍କ ଅନୁଯାୟୀ ଅଣ୍ଟା ଯନ୍ତ୍ରଣାକୁ ଦୂର କରିବା ପାଇଁ ମେଥି ସାହାଯ୍ୟ କରିଥାଏ । ସେଥିପାଇଁ ୧ ଗ୍ରାମ ମେଥି ଦାନା ପାଉଡର ଏବଂ କିଛି ସୁଣ୍ଠି ପାଉଡରକୁ ଗରମ ପାଣି ସହିତ ଦିନକୁ ୨/୩ଥର ପିଇଲେ ସୁଫଳ ମିଳିଥାଏ । ଡାଇବେଟିସ : ଏହି ରୋଗଠୁ ଦୂରେଇ ରହିବା ପାଇଁ ପ୍ରତିଦିନ ୧ଚାମଚ ମେଥି ପାଉଡର ପାଣି ସହିତ ପିଅନ୍ତୁ । ଏହା ବ୍ୟତୀତ ଏକ ଚାମଚ ମେଥି ଦାନାକୁ ଏକ କପ ପାଣିରେ ଭିଜାଇ ସାରା ରାତି ଛାଡିଦିଅନ୍ତୁ । ସକାଳୁ ଏହାର ପାଣି ପିଇବା ଦ୍ୱାରା ଓଜନ ସନ୍ତୁଳିତ ରହିଥାଏ ।

ଉଚ୍ଚ ରକ୍ତଚାପ : ଉଚ୍ଚ ରକ୍ତଚାପରେ ମଧ୍ୟ ମେଥି ଖାଇବା ବହୁତ ଲାଭଦାୟକ ହୋଇଥାଏ । ୫ଗ୍ରାମ ମେଥି ଏବଂ ସୋୟାକୁ ପେଷି ସକାଳ ଓ ସନ୍ଧ୍ୟାରେ ପିଇବା ଦ୍ୱାରା ବ୍ଲଡ ପ୍ରେସର ସନ୍ତୁଳିତ ହୋଇ ରହିଥାଏ ।

ଭଗବାନ ବିଷ୍ଣୁ ଶେଷ ନାଗ ଉପରେ ଶୟନ କରିବା ପଛର କାରଣ

ଭଗବାନ ଶ୍ରୀହରି ବିଷ୍ଣୁ କ୍ଷୀର ସାଗରରେ ଶେଷନାଗ ବା ସର୍ପ ଉପରେ ଶୟନ କରିଥାନ୍ତି । ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ ଶ୍ରୀବିଷ୍ଣୁ ଜଗତର ପାଳନ କର୍ତ୍ତା । ପ୍ରଭୁ ନାରାୟଣ ଉପଯୁକ୍ତ ସମୟରେ ମାନବ ଜାତିର ମାର୍ଗ ଦର୍ଶନ କରିଥାନ୍ତି । ଶାସ୍ତ୍ରରେ ଭଗବାନ ବିଷ୍ଣୁଙ୍କ ସ୍ୱରୂପକୁ ଶାନ୍ତ, ଆନନ୍ଦମୟୀ ତଥା କୋମଳ କୁହାଯାଇଥାଏ । ଭଗବାନ ବିଷ୍ଣୁ ଶେଷନାଗ ଉପରେ ଆନନ୍ଦ ମୁଦ୍ରାରେ ଶୟନ କରିଥାନ୍ତି । ଭଗବାନଙ୍କର ଏହି ସ୍ୱରୂପକୁ ଲକ୍ଷ୍ୟରେ ରଖି ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି 'ଶାନ୍ତାକାରଂ ଭୁଜଙ୍ଗଶୟନଂ' ଏହାର ଅର୍ଥ ଶାନ୍ତ ସ୍ୱରୂପ ତଥା ଭୁଜଙ୍ଗ ବା ଶେଷନାଗ ଉପରେ ଶୟନ କରୁଥିବା ଦେବତା ହେଉଛନ୍ତି ଭଗବାନ ବିଷ୍ଣୁ ।

ଭଗବାନଙ୍କର ଏହି ସ୍ୱରୂପକୁ ଦେଖିଲା ପରେ ମନକୁ ପ୍ରଶ୍ନ ଆସିଥାଏ, କିପରି କାଳର ଛାୟାରେ ରହି ମଧ୍ୟ ଶେଷନାଗ ଉପରେ ଶୟନ କରିଛନ୍ତି ପ୍ରଭୁ । ହିନ୍ଦୁ ଧର୍ମ ଅନୁସାରେ ଶେଷନାଗ ଭଗବାନ ବିଷ୍ଣୁଙ୍କ ଶକ୍ତିର ପ୍ରତୀକ । ବାସ୍ତବରେ ମାନବ ଜୀବନର ପ୍ରତ୍ୟେକ ସମୟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସହିତ ଜଡ଼ିତ, ଯାହା ପାରିବାରିକ, ସାମାଜିକ ଏବଂ ଆର୍ଥିକ ଦାୟିତ୍ୱ ସହିତ ଜଡ଼ିତ ରହିଛି । କିନ୍ତୁ ଏହି ସବୁ ଦାୟିତ୍ୱ ପୂରା କରିବା ସହିତ ଅନେକ ସମସ୍ୟା ମଧ୍ୟ ଆସିଥାଏ, ଯାହା କାଳ ରୂପୀ ନାଗ ଭଳି ହୋଇଥାଏ । କିଛି ସମୟରେ ବ୍ୟକ୍ତି ଦୁଃଖରେ ଭାଙ୍ଗି ପଡ଼ିଥିବା ସମୟରେ ଭଗବାନ ବିଷ୍ଣୁ ଶାନ୍ତ ସ୍ୱରୂପ ଧୈର୍ଯ୍ୟ ଦେବା ସହିତ ଜୀବନର ସବୁ କଷ୍ଟକୁ ଦୂର କରିବାର ପ୍ରେରଣା ଦେଇଥାଏ ।

ହିନ୍ଦୁ ପୌରାଣିକ କଥା ଅନୁସାରେ ଶେଷନାଗ ନିଜର କୁଣ୍ଡଳୀରେ ସମସ୍ତ ଗ୍ରହକୁ ଧରି ରଖିଥାନ୍ତି ଏବଂ ଭଗବାନ ବିଷ୍ଣୁଙ୍କର ମନ୍ତ୍ର ଉଚ୍ଚାରଣ କରିଥାନ୍ତି । ଯଦି ଭଗବାନ ବିଷ୍ଣୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ, ଗ୍ରହ ଏବଂ ତାରାମାନଙ୍କର ପ୍ରତୀକ ଅଟନ୍ତି ତେବେ ବାସ୍ତବରେ ଏହାର ମହତ୍ୱ ସଠିକ୍ । ଭଗବାନ ବିଷ୍ଣୁ ଏବଂ ଶେଷନାଗଙ୍କ ମଧ୍ୟରେ ସମ୍ବନ୍ଧ ଶାଶ୍ୱତ । ପୁରାଣରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କର ଅନନ୍ତଶୟନ ରୂପ ହେଉଛି ସମୟର ମାର୍ଗ ଦର୍ଶକ । ଖରାପ ଶକ୍ତିକୁ ବିନାଶ କରିବା ପାଇଁ ଭଗବାନ ବିଷ୍ଣୁଙ୍କର ପ୍ରତ୍ୟେକ ଅବତାରରେ ଶେଷନାଗ ଜଡ଼ିତ ଅଛନ୍ତି ଏବଂ ସେ ବିଶ୍ୱକୁ ପାପରୁ ରକ୍ଷା କରିଥିଲେ ।

ତ୍ରେତୟା ଯୁଗରେ ଶେଷନାଗ ଲକ୍ଷ୍ମଣ ରୂପ ଏବଂ ଦ୍ୱାପର ଯୁଗରେ ବଳରାମଙ୍କ ଅବତାର ଧାରଣ କରିଥିଲେ । ଏହି ଦୁଇ ଜନ୍ମରେ ସେ ଭଗବାନ ରାମ ଏବଂ କୃଷ୍ଣଙ୍କର ସହାୟତା କରିଥିଲେ । ମହାଭାରତ ଆଦିପର୍ବ ଆସ୍ତିକ ଉପପର୍ବର ୩୬ତମ ଅଧ୍ୟାୟ ଶ୍ଳୋକରେ ଉଲ୍ଲେଖ କରାଯାଇଛି, ଭଗବାନ ବ୍ରହ୍ମା ପୃଥିବୀକୁ ନିଜ ଉପରେ ଧାରଣ କରିବା ପାଇଁ ଶେଷନାଗଙ୍କୁ କହିଥିଲେ ।

ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ

ଶନିଦେବଙ୍କୁ କର୍ମଫଳ ଦାତା କୁହାଯାଏ । ଅର୍ଥାତ କର୍ମ ଅନୁସାରେ ଫଳ ପ୍ରଦାନ କରିବା ବାଲା ଗ୍ରହ । ଶନିଦେବଙ୍କୁ ଅସନ୍ତୁଷ୍ଟ କରିବା ଅନୁଚିତ । କାରଣ କଳିଯୁଗରେ ଶନି ଏକ



ମୁଖ୍ୟ ଗ୍ରହ ଭାବେ ଫଳ ପ୍ରଦାନ କରିଥାନ୍ତି । ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ । ଶନି ଅଶୁଭ ହେଲେ ପଦ ପ୍ରତିଷ୍ଠା ନେଇଯାଇଥାନ୍ତି । ଟଙ୍କା ପଇସାର ଅଭାବର ଦେଖାଯାଇଥାଏ । ସମ୍ପର୍କ ଖରାପ କରିଦେଇଥାଏ । ଏପରିକି ଛାଡପତ୍ର ଭଳି ସମସ୍ୟା ମଧ୍ୟ ସୃଷ୍ଟି କରିଥାନ୍ତି । ଶନି ଭୟଙ୍କର ଖରାପ ହେଲେ ଜେଲ ମଧ୍ୟ ପଠାଇ ଦେଇଥାନ୍ତି । ଗମ୍ଭୀର ରୋଗ ଦେଇ ଜୀବନକୁ କଷ୍ଟରେ ଭରିଦେଇଥାନ୍ତି ।

ଶନି କେବେ ଦେଇଥାନ୍ତି ଅଶୁଭ ଫଳ

ଶନି ନିୟମ ଓ ଅନୁଶାସନର ଅତି ପ୍ରିୟ ହୋଇଥାନ୍ତି । ଯେଉଁ ଲୋକ ଏହାକୁ ପାଳନ କରନ୍ତି ନାହିଁ । ନିୟମ ଭାଙ୍ଗିଥାନ୍ତି ଓ ଭୁଲ ଢଙ୍ଗରେ ଆଚରଣ କରିଥାନ୍ତି । ଶନି କେବେ ତାଙ୍କୁ କ୍ଷମା କରିନଥାନ୍ତି । ସମୟ କ୍ରମେ ଖରାପ ଫଳ ପ୍ରଦାନ କରିଥାନ୍ତି ।

୧. ପରିଶ୍ରମ କରି ପେଟ ପୋଷୁଥିବା ଲୋକଙ୍କୁ କେବେ ହଇରାଣ କରନ୍ତୁ ନାହିଁ । ଏମାନଙ୍କ ହକ କେବେ ନିଅନ୍ତୁ ନାହିଁ । ଯିଏ ଏପରି କରିଥାନ୍ତି, ଶନି ସମୟ ଆସିଲେ ଉପଯୁକ୍ତ ଦଣ୍ଡ ଦେଇଥାନ୍ତି ।

୨. ଶନି ସେହି ଲୋକଙ୍କ ସବୁ କିଛି ନେଇଯାଇ ଥାନ୍ତି, ଯିଏ ଅନ୍ୟର ଖରାପ କରିଥାନ୍ତି । ଅନ୍ୟକୁ କଷ୍ଟ ପହଞ୍ଚାଇବା ପାଇଁ ଯୋଜନା କରିଥାନ୍ତି । ଏପରି ଲୋକଙ୍କୁ ଶନି ନିଜର ଦଶା, ଅନ୍ତର୍ଦ୍ଦଶା, ସାଢ଼େ ସାତି ଓ ଦେଢ଼୍ୟା ଆସିଲେ ଅଶୁଭ ଫଳ ପ୍ରଦାନ କରିଥାନ୍ତି ।

୩. ନିଜ ପଦର ଅଂହକାର କରିବା, ଧନର ଦେଖାଇହେବା, ନିଜ ଅଧିକାରର ଭୁଲ ପ୍ରୟୋଗ କରିବା ବାଲାଙ୍କୁ ମଧ୍ୟ ଶନି କ୍ଷମା କରିନଥାନ୍ତି । ଶନି ଏପରି ଲାକଙ୍କୁ କଠାର ଦଣ୍ଡ ଦେଇଥାନ୍ତି ।

୪. ପ୍ରକୃତି ଓ ଜୀବ ଜନ୍ତୁଙ୍କୁ କ୍ଷତି ପହଞ୍ଚାଇବା କଥା ନୁହେଁ । ଏହାଦ୍ୱାରା ଶନିଦେବ ଅସନ୍ତୁଷ୍ଟ ହୋଇଯାଇ ଥାନ୍ତି । ଯେତେଦୂର ସମ୍ଭବ ଏହାର ସଂରକ୍ଷଣ ଓ ସୁରକ୍ଷା କରିବା ଦରକାର ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା

ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୨୩।୧ (ମହାଭାରତ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସଶସ୍ତ୍ର ସଂଗ୍ରାମ ବଳରେ ଭାରତକୁ ସ୍ୱାଧୀନତା ପ୍ରଦାନ କରିବା ପାଇଁ ସୁଚିନ୍ତିତ ସଂଗ୍ରାମ କରିଥିବାବେଳେ ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କୁ ବିରୋଧ କରି ଅସୀମ ପରାକ୍ରମ ଓ ଅସାଧାରଣ ରଣକୌଶଳ ମାଧ୍ୟମରେ ବ୍ରିଟିଶ ଶାସକ ଓ ସେନାବାହିନୀକୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲେ। ନେତାଜୀଙ୍କର ଆହ୍ୱାନ ଥିଲା 'ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି'। ସେହିପରି ବୀର ସୁରେନ୍ଦ୍ର ସାଏ ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ବଶ୍ୟତା ସ୍ୱୀକାର ନକରି ଇଂଗ୍ରେଜ ଶାସନକୁ ମୁହଁତୋଡ଼ ଜବାବ୍ ଦେଇଥିଲେ ବୋଲି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ଉଲ୍ଲେଖ କରିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ମହାପୁରୁଷଙ୍କ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିବାକୁ ଯାଇ କହିଲେ ଯେ ଗୋଟିଏ ଦିନରେ ଦୁଇ ମହାନାୟକ ଜନ୍ମ ନେବା ଏକ ବିରଳ ସଂଯୋଗ ଥିଲା।

୧୮୫୭ ମସିହାକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଅବିହିତ କରାଯାଉଥିବାବେଳେ ତା'ର ୩୦ ବର୍ଷ ପୂର୍ବରୁ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପଡିଥିଲା ଓଡ଼ିଶାରେ। ବ୍ରିଟିଶ ଶାସନ ବିରୁଦ୍ଧରେ ସେହି ମହାସଂଗ୍ରାମର କର୍ଣ୍ଣଧାର ଥିଲେ ବୀର ସୁରେନ୍ଦ୍ର ସାଏ। ତାଙ୍କ ସମଗ୍ର ପରିବାର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ତାଙ୍କ ପରାକ୍ରମ ଇତିହାସରେ ବିରଳ। ଇତିହାସକାରମାନେ ଯଦି ଏହାକୁ ଉଲ୍ଲେଖ କରିଥାନ୍ତେ ତେବେ ଭାରତ ସ୍ୱାଧୀନତା ଆନ୍ଦୋଳନରେ ଓଡିଶା ସର୍ବାଗ୍ରେ ରହିଥାନ୍ତା ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ବ୍ରିଟିଶ ଶାସନର ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୁଦ୍ଧରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ନିଜର ବ୍ୟକ୍ତିଗତ ସୁଖଶାନ୍ତିକୁ ଜଳାଞ୍ଜଳି ଦେଇ ଜୀବନର ୨୩ ବର୍ଷର କର୍ମମୟ ଜୀବନକୁ ଦେଶମାତୃକାର ସେବାରେ ସମର୍ପଣ କରିଥିଲେ। ଦୁଇ ବୀର ସଂଗ୍ରାମୀ ଦେଶର ସ୍ୱାଧୀନତା ପାଇଁ ଯେଉଁ ବଳିଷ୍ଠ ନେତୃତ୍ୱ ଓ ଉଚ୍ଚ ଆଦର୍ଶ, ସାଂଗଠନିକ କ୍ଷମତା ଓ ଅବଦମିତ ଦେଶପ୍ରେମ ଓ ତ୍ୟାଗ ଦେଇ ଯାଇଛନ୍ତି ତାହା ଚିରସ୍ମରଣୀୟ ହୋଇରହିବ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସକ ତଥା ସାହିତ୍ୟିକ ନିରଞ୍ଜନ ସାହୁ ଯୋଗଦେଇ ଉଭୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଦେଶପ୍ରେମ ଓ ଅସୀମ ପରାକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ଜନ୍ମଭୂମିକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ବୀର ସୁରେନ୍ଦ୍ର ସାଏ ୨୦ ବର୍ଷରୁ ଊର୍ଦ୍ଧ୍ୱକାଳ ସଶସ୍ତ୍ର ସଂଗ୍ରାମ କରିବା ସହ ଦୀର୍ଘ ୩୭ ବର୍ଷକାଳ କାରାଗାରରେ ବନ୍ଦୀ ଜୀବନ କଟାଇଥିଲେ। ସୁଭାଷଙ୍କ ନେତୃତ୍ୱରେ 'ଆଜାଦ୍ ହିନ୍ଦ୍ ଫୌଜ' ଓ 'ଦିଲ୍ଲୀ ଚଲୋ' ଆହ୍ୱାନ ବାସ୍ତବରେ ଅବିସ୍ମରଣୀୟ ବୋଲି କହିଥିଲେ। ଯୁବବର୍ଗ ଏହି ଯୁଗପୁରୁଷଙ୍କ ସୁଗୁଣରେ ଅନୁପ୍ରାଣିତ ହୋଇ କାର୍ଯ୍ୟକଲେ ଭାରତ ଏକ ସର୍ବଶ୍ରେଷ୍ଠ ଦେଶରେ ପରିଣତ ହୋଇପାରିବ ବୋଲି ସେ ଦର୍ଶାଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ୟାମ ପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ସମ୍ପାଦକ ଡା. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଉଭୟ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମର ଏକ ତୁଳନାତ୍ମକ ବିବରଣୀ ଦେବା ସହ ସେମାନଙ୍କ ଦେଶପ୍ରେମ, ଅସୀମ ପରାକ୍ରମ, ବୀରତ୍ୱ, ଦୃଢ଼ ଇଚ୍ଛାଶକ୍ତି ଓ ଉଚ୍ଚ ଆଦର୍ଶ ଅନନ୍ୟ ଓ ଅତୁଳନୀୟ ବୋଲି କହିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି ଦୁଇ କ୍ରାନ୍ତିକାରୀ ମହାପୁରୁଷ ଭାରତ ମାଟିରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କରି ବ୍ରିଟିଶ ଶାସନ ବିରୁଦ୍ଧରେ ସଂଗ୍ରାମ କରି ଭାରତ ଓ ଓଡିଶା ମାଟିକୁ ମହାନ କରିଛନ୍ତି ବୋଲି କହିବା ସହ ସ୍ୱାଧୀନତା ସଂଗ୍ରାମର ଏଇ ଦୁଇ ମହାନ ସେନାପତିଙ୍କ ବୀରତ୍ୱର ପଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର,୨୩।୧ (ମହାଭାରତ): ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ଜନତା ମୈଦାନ ଠାରେ ଆୟୋଜିତ ଉତ୍କର୍ଷ ଓଡ଼ିଶା - ମେକ୍‌ଇନ୍ ଓଡ଼ିଶା କନକ୍ଲେଭ-୨୦୨୫ ରେ ଯୋଗଦେବାକୁ ଆସିବେ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନିର୍ଭୁଲ ଓ ଶୃଙ୍ଖଳିତ ଭାବେ ପରିଚାଳନା ସହ ଆବଶ୍ୟକୀୟ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୨୮ ତାରିଖ ସକାଳ ୮.୩୫ ମିନିଟ୍ ସମୟରେ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ବାୟୁସେବା ବିମାନ ଯୋଗେ ଆସି ପୂର୍ବାହ୍ନ ୧୦.୩୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ପୂର୍ବାହ୍ନ ୧୦.୫୫ରେ ଜନତା ମୈଦାନରେ ପହଞ୍ଚିବେ। ୧୧.୦୦ରୁ ୧୨.୩୦ ପର୍ଯ୍ୟନ୍ତ ଉତ୍କର୍ଷ ଓଡ଼ିଶା-ମେକ୍‌ଇନ୍ ଓଡ଼ିଶା କନକ୍ଲେଭ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ଏହା ପରେ ଅପରାହ୍ନ ୧୨.୫୫ ମିନିଟ୍ ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରୁ ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମ ସ୍ଥଳ ଓ ତାଙ୍କର ଯିବା ଆସିବା ପଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। କମିଶନରରେଟ ପୁଲିସ ତରଫରୁ ଭୁବନେଶ୍ୱର ସହରରେ ସୁରକ୍ଷା କଡାକଡି କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ପାଇଁ କାରକେଡ ବ୍ୟବସ୍ଥା ଏବଂ ବିମାନର ସୁରକ୍ଷା ବ୍ୟବସ୍ଥା ପାଇଁ କଡା ନଜର ରଖାଯିବ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟଶାସନ ସଚିବ ଗୃହ (ସ୍ୱରାଷ୍ଟ୍ର) ବିଭାଗ ସତ୍ୟବ୍ରତ ସାହୁ, ଅଗ୍ନିଶମ ସେବା ପୁଲିସ ମହା ନିର୍ଦ୍ଦେଶକ ଡଃ.ସୁଧାଂଶୁଷଡଙ୍ଗୀଙ୍କ ସମେତଶିଳ୍ପ, ପୂର୍ତ୍ତ, ବାଣିଜ୍ୟ ଓ ପରିବହନ ତଥା ନଗର ଉନ୍ନୟନ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ଆଦି ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ,ଇଡକୋର ପରିଚାଳନା ନିର୍ଦ୍ଦେଶକ,ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ।

ଶିକ୍ଷାଦାନ ପଦ୍ଧତିର ଉନ୍ନତିକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୩।୧ (ମହାଭାରତ): କର୍ମଶାଳାର ଦ୍ୱିତୀୟ ଦିନରେ ଗ୍ରୁପ୍ ଗୁଡ଼ିକ ବାକି ଥିବା ବିଭିନ୍ନ କାର୍ଯ୍ୟ, ସମୟସୀମା, କାର୍ଯ୍ୟ ଯୋଜନା, ଏବଂ ଶିଶୁ ବାଟିକାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଏବଂ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜାତୀୟ ଶିକ୍ଷା ନୀତି ୨୦୨୦ ଏବଂ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩ କୁ ନେଇ ରୋଡମ୍ୟାପ୍ ପ୍ରସ୍ତୁତ କରିବା ନେଇ ଆଲୋଚନା କରାଯାଇଛି। ପାଠ୍ୟକ୍ରମ ଭାର ହ୍ରାସ କରିବା, ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରିବା ଏବଂ ଅଭିଜ୍ଞତାମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବା ସହ ଗ୍ରୁପ୍ ଗୁଡ଼ିକ ନୂତନ ବିଷୟ ପ୍ରଚଳନ କରିବା, ଅଭିନବ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା, ବିବିଧ ମୂଲ୍ୟାଙ୍କନର ବ୍ୟବହାର କରିବା ଏବଂ ଶିକ୍ଷା ମାନଦଣ୍ଡ ହାସଲ କରିବା ପାଇଁ ସୁସଂଗଠିତ ସମୟସୀମା ସୁନିଶ୍ଚିତ କରିବା ବିଷୟରେ ଆଲୋଚନା କରିଥିଲେ। ଗ୍ରୁପ୍ ଗୁଡ଼ିକ ପ୍ରଭାବଶାଳୀ ନିର୍ଦ୍ଦେଶ ଏବଂ ମୂଲ୍ୟାଙ୍କନ ପାଇଁ ଏକାଧିକ ବୋର୍ଡର ଏକୀକରଣ, ସ୍ପଷ୍ଟ ପାଠ୍ୟକ୍ରମ ଏବଂ ଶିକ୍ଷଣ ଫଳାଫଳ ସହିତ ଏକ "ମାଧ୍ୟମିକ ପର୍ଯ୍ୟାୟ-୨ ରାଜ୍ୟ ପାଠ୍ୟକ୍ରମ ରୂପରେଖ" ବିକଶିତ କରିବା ନେଇ ଆଲୋଚନା କରିଥିଲେ। ଏଥିସହିତ ଶିକ୍ଷକମାନେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଗ୍ରେଡ୍ ସ୍ତରରେ ହୋଲିଷ୍ଟିକ୍ ପ୍ରୋଗ୍ରେସ୍ କାର୍ଡ ଏବଂ ମୂଲ୍ୟାଙ୍କନ ରେଜିଷ୍ଟର କାର୍ଯ୍ୟକାରୀ କରିବା ଉପରେ ସେମାନଙ୍କର ଅଭିଜ୍ଞତା ବଖାଣିଥିଲେ। ସେମାନେ ବିଦ୍ୟାଳୟସ୍ତରରେ ଏଚପିସି କାର୍ଯ୍ୟକାରୀ କରିବାରେ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡ଼ିକ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଶିକ୍ଷକଙ୍କ ଶିକ୍ଷା ଏବଂ ସେମାନଙ୍କ ବୃତ୍ତିଗତ ବିକାଶକୁ ଜାତୀୟ ଶିକ୍ଷା ନୀତି ୨୦୨୦ ସହିତ ସମନ୍ୱିତ କରିବା ନିମନ୍ତେ ଏକ ଉତ୍ସର୍ଗୀକୃତ ଟାସ୍କ ଫୋର୍ସ ଗଠନ ଏବଂ ବାଦ୍ ପଡିଯାଉଥିବା ଅନ୍ୟାନ୍ୟ ଦିଗ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ସେହିପରି ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ଶିକ୍ଷା ପାଇଁ କାର୍ଯ୍ୟାନ୍ୱୟନ ଯୋଜନାର ରୂପରେଖ ଉପସ୍ଥାପନ କରାଯାଇଥିଲା। ଭିତ୍ତିଭୂମି ଏବଂ ପାଣ୍ଠି, ଶିକ୍ଷକ ନିଯୁକ୍ତି ଏବଂ ସେମାନଙ୍କ ତାଲିମ୍ ଉପରେ ଧ୍ୟାନ ଦେବା, ମୂଲ୍ୟାଙ୍କନ କରି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ଦିଗରେ ଆଲୋଚନା କରାଯାଇଛି। ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କର ନିରନ୍ତର ବୃତ୍ତିଗତ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଛି। ଶିକ୍ଷାଦାନ ଏବଂ ପ୍ରଶାସନିକ ପ୍ରକ୍ରିୟାରେ କୃତିମ ବୁଦ୍ଧିମତାର ଉପଯୁକ୍ତ ଏବଂ ନିରାପଦ ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଛି। ରାଜ୍ୟ ପାଠ୍ୟକ୍ରମ ରୂପରେଖରେ ଜାତୀୟ ଶିକ୍ଷା ନୀତିକୁ ସମନ୍ୱୟ କରି ଭିତ୍ତିଭୂମି ଓ ଶିକ୍ଷକ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରିବା ସହ 'ପଞ୍ଚକୋଷ' (ଭାରତୀୟ ମନସ୍ତତ୍ତ୍ୱ ଏବଂ ଦର୍ଶନ)କୁ ଉଲ୍ଲେଖ କରାଯାଇଛି।

ଭାରତୀୟ ପରମ୍ପରାରେ ଶିଖ ଧର୍ମଗୁରୁଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୨୩।୧ (ମହାଭାରତ): ପୂଜ୍ୟ ଗୁରୁ ନାନକ ଦେବଙ୍କ ସମେତ ଶିଖ୍ ସମ୍ପ୍ରଦାୟର ଧର୍ମଗୁରୁ ଏବଂ ବୀର ସୁରେନ୍ଦ୍ର ସାଏ ଓ ବାଜି ରାଉତଙ୍କ ପରି ଅନେକ ସଂଗ୍ରାମୀମାନେ ଦେଶ ପାଇଁ ଅନେକ ତ୍ୟାଗ ଓ ବଳିଦାନ ଦେଇଛନ୍ତି। ସେହି ଗୁରୁ ଓ ସଂଗ୍ରାମୀମାନଙ୍କ ଧର୍ମ, ଆଦର୍ଶ, ସଂସ୍କାର ତଥା ପ୍ରେରଣାଦାୟୀ ବାର୍ତ୍ତାରୁ ଅନୁପ୍ରାଣିତ ହୋଇ ଆମର ଯୁବପିଢିମାନେ ବିଶ୍ୱକୁ ନୂଆ ମାର୍ଗ ଦେଖାଇବା ଦିଗରେ ଆଗଭର ହୁଅନ୍ତୁ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ବୁଧବାର ସମ୍ବଲପୁର ଜିଲ୍ଲା ଖେତରାଜପୁର ସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲ ସମ୍ବଲପୁରର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂଜ୍ୟ ଗୁରୁ ନାନକ ଦେବଙ୍କ ନାମରେ ନାମିତ ଏହ ସ୍କୁଲ ଦୀର୍ଘ ୫୦ ବର୍ଷରେ ପଦାର୍ପଣ କରିବା ଏକ ଗୌରବମୟ ଉପଲବ୍ଧି। ଗୁରୁ ନାନକଙ୍କ ଯେଉଁଭଳି ଆଦର୍ଶ, ବିଚାର, ସିଦ୍ଧାନ୍ତ ଏବଂ ସେବା ମନୋଭାବର ସମର୍ପଣ ଥିଲା, ତାଙ୍କ ସଂସ୍କାର ଆଧାରରେ ସ୍କୁଲଟି ପରିଚାଳିତ ହେବା ଆନନ୍ଦର

ବିଷୟ। ଯେତେବେଳେ ଭାରତୀୟ ସଂସ୍କୃତିକୁ ନଷ୍ଟ କରିବା ପାଇଁ ଉଦ୍ୟମ ହେଉଥିଲା, ସେହି ସମୟରେ ଗୁରୁ ନାନକ ସମାଜକୁ ଏକାଠି କରି ଭାରତର ସଂସ୍କୃତର ସୁରକ୍ଷା ପାଇ ଦାୟତ୍ୱ ନେଇଥିଲେ। ସେ ସମାଜରେ ସମାନତା, ଭାଇଚାରା ଓ ଏକତାର ଶିକ୍ଷା ଦେଇଥିଲେ। ବିଭିନ୍ନ ସାମାଜିକ କଳୁଷତାକୁ ଦୂର କରିବା ଲାଗି ସଂଘର୍ଷ କରିଥିଲେ। ଶିଖ ପରମ୍ପରାରେ ଗୁରୁ ପରମ୍ପରାର ଆଦର୍ଶ ଓ ବଳିଦାନକୁ ଭୁଲି ହେବ ନାହିଁ। ଭାରତୀୟ ପରମ୍ପରାରେ ଶିଖ ସମୁଦାୟର ଧର୍ମଗୁରୁଙ୍କ ଅବଦାନ ଅତୁଳନୀୟ। ଶିଖ ବନ୍ଧୁ ମାନେ ସମ୍ବଲପୁର ସମେତ ପାଶ୍ୱବର୍ତ୍ତୀ ଜଲ୍ଲାରେ ରହ ଅଞ୍ଚଳର ବିକାଶ ପାଇଁ ଯେଉଁ କାମ କରୁଛନ୍ତି, ତାହା ପ୍ରଶଂସନୀୟ। ସେଇ ପରମ୍ପରାର ଅଂଶ ଭାବରେ ଏହି ସ୍କୁଲ ଗଢି ଉଠିଛି। ଏହାବ୍ୟତୀତ ଆମ ଶିଖ ସମାଜ ସହ ଓଡ଼ିଶାର ଅନନ୍ୟ ସମ୍ପର୍କ ରହିଛି।

ଶ୍ରୀ ପ୍ରଧାନ କହିଛନ୍ତି ଶିଖ୍ ସମ୍ପ୍ରଦାୟର ଅନେକ ଗୁରୁଙ୍କ ସହିତ ଅବିଭକ୍ତ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ଧ୍ରୁବ ସାଏ, ଉଜ୍ଜଳ ସାଏ, ଛବିଳ ସାଏ, ଯାଜ୍ଞଳ ସାଏ, ମେଦିନୀ ସାଏ, କରୁଣାକର ସିଂହ ନାଏକ, ମାଧୋ ସିଂହ, କୁଞ୍ଜଲ ସିଂହ, ଐରୀ ସିଂହ, ବୈରୀ ସିଂହ, ହଟେ ସିଂହ, ଶହୀଦ ମଧୁ ଗଡତିଆ ଦେଶ ପାଇଁ ବଳିଦାନ ଦେଇଥିଲେ।

ଆଜି ଦେଶ ଯେତେବେଳେ ନୂଆ ଉଚ୍ଚତାକୁ ଯାଉଛି, ସେହି ସମୟରେ ମାତୃଭୂମି ପାଇଁ ସମସ୍ତ ନାଗରିକ ବିଶେଷ ଭାବରେ ଯୁବପିଢିଙ୍କ ଦାୟିତ୍ୱ ଅଧିକ। ଯୁବଶକ୍ତିମାନେ ଟେକ୍ନୋଲୋଜି ଜରିଆରେ ବିଶ୍ୱକୁ ଅନ୍ୱେଷଣ କରିବା ଦରକାର। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ। ଏହି ସମୟରେ ଆମକୁ ଦେଶ ପାଇ ବଞ୍ଚିବାକୁ ପଡ଼ିବ, ବିକଶିତ ରାଷ୍ଟ୍ର ଗଢ଼ିବାକୁ ପଡ଼ିବ। ଏଥିପାଇଁ ଆଜିର ପିଢ଼ି ଆଗକୁ ଆସିବା ଦରକାର । ନିଜ ପାଇଁ ନୁହେଁ ବରଂ ସମୂହଙ୍କ ପାଇଁ ଦାୟିତ୍ୱ ନେବା ଦରକାର ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

ଜଳବାୟୁ ପରିବର୍ତ୍ତନ ନେଇ ତିନି ସଂସ୍ଥା ସହ ଏମ୍‌ଓୟୁ

ଭୁବନେଶ୍ୱର,୨୩।୧ (ମହାଭାରତ): ଏକ ଦୂରଦୃଷ୍ଟିସଂପନ୍ନ କାର୍ଯ୍ୟକ୍ରମ ସ୍ୱରୂପ, ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ରାଜ୍ୟରେ ଜଳବାୟୁ ସ୍ଥିରତା ଏବଂ ସ୍ଥାୟୀ ବିକାଶ ପ୍ରୟାସକୁ ବୃଦ୍ଧି କରିବା ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ସହଭାଗିତା ଦ୍ୱାରା ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା, ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାର ସମୃଦ୍ଧ ଜୈବ ବିବିଧତା ତଥା ଉପକୂଳୀୟ ପରିସଂସ୍ଥାନକୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଉପକୂଳ ପରିସଂସ୍ଥାର ପୁନରୁଦ୍ଧାର, ସୁରକ୍ଷା ଏବଂ ପରିଚାଳନା ନିମନ୍ତେ ଆଇଆଇଟି, ଭୁବନେଶ୍ୱର ସହ ଭାଗୀଦାରିତା:- ଓଡିଶା ଉପକୂଳରେ ସାମୁଦ୍ରିକ ଘାସ ଶଯ୍ୟା ଓ ଲୁଣା ଜଳାଶୟର ସୁରକ୍ଷା, ପୁନରୁଦ୍ଧାର ଏବଂ ପରିଚାଳନା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଭାରତୀୟ ଉପକୂଳ ଅଧିବାସୀ ଗୋଷ୍ଠୀଙ୍କ ନିମନ୍ତେ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପ୍ରକଳ୍ପ ଅଧୀନରେ ଆଇଆଇଟି ଭୁବନେଶ୍ୱର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ସହଯୋଗ ସାମୁଦ୍ରିକ ଘାସ ଶଯ୍ୟା

ଓ ଲୁଣା ଜଳାଶୟ ସମେତ ଗୁରୁତ୍ୱପୂର୍ଣ୍ଣ ଉପକୂଳୀୟ ପରିସଂସ୍ଥାର ପୁନରୁଦ୍ଧାର କରିବା ଦିଗରେ ଦୃଷ୍ଟି ଦେବ, ଯାହା ଜୈବବିବିଧତା, ଅଙ୍ଗାରକାମ୍ଳ ଆହରଣ ଏବଂ ଉପକୂଳ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍

କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ

ମଣିପୁରରେ ଜାତିଗତ ହିଂସାରେ ବହୁ ଧନଜୀବନ ହାନି ହେବା ପରେ ଏବେ ମୁଖ୍ୟମନ୍ତ୍ରୀ ବୀରେନ ସିଂହ ରାଜ୍ୟବାସୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି । ତାଙ୍କ ଭୁଲ ସ୍ୱୀକାର କରିଛନ୍ତି । ଏହା ଏକ ବହୁତ ବଡ଼ କଥା । ଯାହା ହୋଇଯାଇଛି ତାକୁ ଭୁଲି ଯାଇ ଆଗକୁ ଶାନ୍ତି ଏବଂ ବନ୍ଧୁତ୍ୱର ବାତାବରଣ ମଧ୍ୟରେ ରହିବା ଏବଂ ନୂଆ ମଣିପୁର ଗଢିବା ପାଇଁ ସେ ସବୁ ସମ୍ପ୍ରଦାୟକୁ ଆହ୍ୱାନ କରିଛନ୍ତି । କହିବା ବାହୁଲ୍ୟ ଯେ, ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ । ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି । ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର । ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ । ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି । କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ । ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏସବୁ ରାଜ୍ୟ ଅନଗ୍ରସର । ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା । ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି । ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି । ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା । ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ । ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି । ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି । ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା । ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି । ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି । ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି । ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି । କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି । କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି । କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି । ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି । ରାଜ୍ୟରେ ବୀରେନ ସିଂହଙ୍କ ନେତୃତ୍ୱାଧିନ ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ୍ୟ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି । ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି । ପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି । ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧ୍ୟମରେ ପାଟ୍ରୋଲିଂ କରାଯାଉଛି । ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି । ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ । ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ ।

ଷଡ଼ରିପୁ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଲୋଭ - ଏହା ଭଦ୍ର ଲୋକକୁ ଚୋର କରିଦିଏ, ସନ୍ୟାସୀକୁ ସତ୍ୟାନାଶୀ କରିଦିଏ । ଲୋଭାସକ୍ତ ଲୋକ କାମାସକ୍ତ ବି ହୋଇଯାଇପାରେ । ସେ ଏଠାରେ ଲୋଭ ସହ କାମ ରୂପକ ଶତ୍ରୁ କବଳରେ ପଡ଼ି ଦ୍ୱିଗୁଣିତ କ୍ଷତି ସମ୍ମୁଖୀନ ହୁଏ । ଲୋଭୀ ଲୋକର ଭାବନାଧାରା ଏତେ ଅପବିତ୍ର ଥାଏ ଯେ ପରିଶେଷରେ ସେ ପାପୀରେ ପରିଣତ ହୋଇଯାଏ । କୌଣସି କାମ ନକରି ନିଜକୁ ନଷ୍ଟ କରିଦିଏ । ଦୁର୍ଯ୍ୟୋଧନର ରାଜ୍ୟ ଲୋଭର ପରିଣତି ସମସ୍ତେ ଜାଣନ୍ତି, କଂସର ଜୀବନ ପ୍ରତି ଥିବା ଲୋଭରା ପରିଣତି ଯାହା ହେଲା, ରାବଣର ନାରୀ ଲୋଭ ଫଳରେ ଯାହା ଘଟିଲା ସେଥିରୁ ଆମେ ଶିକ୍ଷା ଲାଭ କରିବା ଉଚିତ ।

ସଂସାରରେ ଯାହାସବୁ ଘଟି ଯାଉଛି ସେଥିରେ ବ୍ୟତିବ୍ୟସ୍ତ ହେବାର କିଛି ନାହିଁ କାରଣ ସବୁ ପରା ଆମ ଭଗବାନଙ୍କ ଦ୍ୱାରା ଘଟୁଛି । ଆମେ ଆମ ଠାରେ ଥିବା ଷଡ଼ରପୁଙ୍କ ଦ୍ୱାରା ଅନେକ ସମୟରେ ଆକ୍ରାନ୍ତ ହେଉ, ଭୁଲ ହୋଇଯାଏ, ସେଥିପାଇଁ ଅନୁତାପ କରୁ, ଆହୁରି ନାନା ସମସ୍ୟା ସୃଷ୍ଟି ହୋଇଯାଏ, ସେଥିରୁ ତାହାର ପାର୍ଶ୍ୱ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ ଏବଂ ଆମ୍ଭେମାନେ ହନ୍ତସନ୍ତ ହୋଇ ନାନା ଦୁଶ୍ଚିନ୍ତା ଏବଂ ଆଶଙ୍କାର ଶୀକାର ହୋଇପଡୁ । ସେ ସବୁଥିରୁ ନିଜକୁ ଉଦ୍ଧାର କରିବାର ଉପାୟ ଖୋଜିବସୁ । ଏଥିରେ କୃତକାର୍ଯ୍ୟ ହେବାର ଉପାୟ ମିଳେ କେବଳ ଏହି ଷଡ଼ରପୁଙ୍କ ସମୁଚିତ ବ୍ୟବହାର ଓ ପ୍ରୟୋଗ ଫଳରେ, ବୁଦ୍ଧି ବଳରେ । କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟଙ୍କୁ ରପୁ କୁହାଯାଇଛି । ସେଥିରୁ ଜଣାଯାଉଛି ଏଗୁଡ଼ିକ ଗୋଟିଏ ଗୋଟିଏ ଶତ୍ରୁ, ପୁଣି ଆମ ଭିତରେ ଥିବା ଶତ୍ରୁ । ବାହାରେ ଥିବା ଶତ୍ରୁଙ୍କୁ ହରାଇବା ବରଂ ସହଜ । ଭିତରେ ଥିବା ଶତ୍ରୁ, ଯିଏ ଆମ ସହ ଖାଇପିଇ ବଢୁଛି, ଉପରେ ଆମକୁ ଭଲ ଲାଗିଲା ଭଳି ଦେଖାଉଛି କିନ୍ତୁ ଭିତରେ ଥାଇ ଏଭଳି କର୍ମରେ ଆମକୁ ଲଗାଇ ଦେଉଛି, ତାହାର ପରିଣାମ ଦେଖିଲାବେଳକୁ ନିଜକୁ ଅପମାନ ଲାଗୁଛି, ନିଜ ରୂପ ମଧ୍ୟ ଅସୁନ୍ଦର ହୋଇଯାଉଛି । ସମାଜରେ ଆମ ପ୍ରତିଷ୍ଠା ମଧ୍ୟ ନଷ୍ଟ ହୋଇଯାଉଛି । ଆମ ବ୍ୟକ୍ତିତ୍ୱ ମଧ୍ୟ ଲୁଣ୍ଠିତ ହୋଇଯାଉଛି । ଆମକୁ ବେଶୀ ଖରାପ ଲାଗେ ଏଥିପାଇଁ ଆମେ ଆମ ନିଜ ଗୁଣ ଦ୍ୱାରା ଏହି ପରିଣାମ ଅର୍ଜନ କରିଛୁ, ଆଉ କେହି ଏଥିପାଇଁ ଦାୟୀ ନୁହନ୍ତି । କାହାକୁ କିଛି କହି ହୁଏନାହିଁ । କେବଳ ଅନୁତାପାନଳରେ ଦଗ୍ଧିଭୂତ ହେବା ହିଁ ସାର ହୁଏ । କେବଳ କଠୋର, ନିୟମିତ ଏବଂ ମୁକ୍ତି ପାଇବା ପାଇଁ ବ୍ୟାକୁଳିତ ସାଧନା ମାଧ୍ୟମରେ ସୁଫଳ ମିଳିପାରେ ।

କାମ - ଏହା ଏକ ସର୍ବନାଶୀ ରପୁ; କିନ୍ତୁ ଏହାର ପ୍ରୟୋଗ ଖୁବ ଆନନ୍ଦ ଦିଏ ବୋଲି ଅଧିକରୁ ଅଧିକ ବ୍ୟବହୃତ ହୁଏ । ପରିଣାମସ୍ୱରୂପ ମଣିଷ ନାନା ଦୁର୍ନାମ, କୁଖ୍ୟାତି, ସାମାଜିକ ଅପବାଦ ତଥା ଅପରାଧରେ ବୁଡ଼ିଯାଏ । ମଣିଷ ଏହା ଫଳରେ ଏକ ପ୍ରକାର ଅନ୍ଧ ହୋଇଯାଏ । ନିଜର ବଂଶ, ପରମ୍ପରା, ଜାତି, ଗୋତ୍ର, ପ୍ରତିଷ୍ଠାକୁ ଭୁଲି ପୂର୍ବଜମାନେ ଅର୍ଜିଥିବା ସାମାଜିକ ପ୍ରତିଷ୍ଠାକୁ ମୁହୂର୍ତ୍ତକରେ ନଷ୍ଟ କରି ବସୁ । ଏହାଦ୍ୱାରା କେବଳ ସାମାଜିକ କ୍ଷତି ସହିବାକୁ ପଡ଼େ ତାହା ନୁହେଁ, ବ୍ୟକ୍ତିଗତ କ୍ଷତି ଏପରିକି ଆଧ୍ୟାତ୍ମିକ କ୍ଷତି ମଧ୍ୟ ସହ୍ୟ କରିବାକୁ ହୋଇଥାଏ, ଯେଉଁ କ୍ଷତି ପୂରଣ କରିବାକୁ ବର୍ଷ ବର୍ଷ ନୁହେଁ ଜନ୍ମ ଜନ୍ମ ଲାଗି ଯାଇପାରେ ।

କ୍ରୋଧ - ଏହାର ପରିଚୟ ମିଳିବା ପୂର୍ବରୁ ସେ ବହୁତ କିଛ କ୍ଷତ ଘଟାଇ ଦେଇଥାଏ । ଏହାର କାରଣ ଏହାକୁ ପ୍ରୟୋଗ କଲାବେଳେ ନିଜକୁ ବହୁତ ଭଲ ଲାଗେ । ବେଳେବେଳେ ଜିତାପଟ ମିଳିଥାଏ । ମଣିଷ ଭାବେ ତତ୍କ୍ଷଣାତ ବିଜୟ ହାସଲ କରିବା ପାଇଁ କ୍ରୋଧ ଗୋଟିଏ ଭଲ ଅସ୍ତ୍ର । ପରେ କିନ୍ତୁ ଉପଲବ୍ଧି ଆସେ ଯେ ସେ ବିଜୟ କ୍ଷଣିକର କଥା ଥିଲା, ତାହା ପ୍ରକୃତ ବିଜୟ ନୁହେଁ । ଶାନ୍ତିପ୍ରିୟ ଲୋକେ ବାକ୍ ଯୁଦ୍ଧରେ ଭାଗ ନ ନେଇ ଚୁପ୍ ହୋଇଯାଆନ୍ତି । ତାହା ତାଙ୍କର ପରାଜୟ ନୁହେଁ ବରଂ ବିଜ୍ଞତାର ପରିଚୟ । କଥା ମାଧ୍ୟମରେ କ୍ରୋଧ ତ ବନ୍ଧୁକର ଗୁଳି ସହ ସମାନ । କର୍ମ ମାଧ୍ୟମରେ କ୍ରୋଧ ଅଶେଷ କ୍ଷତି ଘଟାଇଥାଏ । ପରିଶେଷରେ ଦେଖିବାକୁ ମିଳେ ଯେ ନିଜର କ୍ଷତି ହିଁ ସବୁଠାରୁ ବେଶୀ ହୋଇଛି । କ୍ରୋଧ କର୍ମ ରୂପ ନେବା ପୂର୍ବରୁ ମାନସିକ ସ୍ତରରେ ଯେଉଁ ପାଞ୍ଚଣା ପାଞ୍ଚିବାରେ ଲାଗେ ତାହା ସର୍ବାଧିକ କ୍ଷତିକାରକ । ନିଜ ମସ୍ତିଷ୍କର ତଥା ବ୍ୟକ୍ତି ସତ୍ତାର ଘୋର ବିଧ୍ୱଂସକ । ସେଥିପାଇଁ କୁହାଯାଇଛି କ୍ରୋଧ ବ୍ରାହ୍ମଣକୁ ଚଣ୍ଡାଳରେ, ମାନବକୁ ଦାନବରେ, ରକ୍ଷକକୁ ଭକ୍ଷକରେ, ଭଦ୍ରକୁ ଅଭଦ୍ରରେ, ଶିଷ୍ଟାଚାରୀକୁ ଦୁରାଚାରୀରେ ପରିଣତ କରିଦିଏ । ଶେଷରେ ନିଜର ଅସରନ୍ତି କ୍ଷତି କରି ଚାଲିଯାଏ ।

ଲୋଭ - ଏହା ଭଦ୍ର ଲୋକକୁ ଚୋର କରିଦିଏ, ସନ୍ୟାସୀକୁ ସତ୍ୟାନାଶୀ କରିଦିଏ । ଲୋଭାସକ୍ତ ଲୋକ କାମାସକ୍ତ ବି ହୋଇଯାଇପାରେ । ସେ ଏଠାରେ ଲୋଭ ସହ କାମ ରୂପକ ଶତ୍ରୁ କବଳରେ ପଡ଼ି ଦ୍ୱିଗୁଣିତ କ୍ଷତି ସମ୍ମୁଖୀନ ହୁଏ । ଲୋଭୀ ଲୋକର ଭାବନାଧାରା ଏତେ ଅପବିତ୍ର ଥାଏ ଯେ ପରିଶେଷରେ ସେ ପାପୀରେ ପରିଣତ ହୋଇଯାଏ । କୌଣସି କାମ ନକରି ନିଜକୁ ନଷ୍ଟ କରିଦିଏ । ଦୁର୍ଯ୍ୟୋଧନର ରାଜ୍ୟ ଲୋଭର ପରିଣତି ସମସ୍ତେ ଜାଣନ୍ତି, କଂସର ଜୀବନ ପ୍ରତି ଥିବା ଲୋଭରା ପରିଣତି ଯାହା ହେଲା, ରାବଣର ନାରୀ ଲୋଭ ଫଳରେ ଯାହା ଘଟିଲା ସେଥିରୁ ଆମେ ଶିକ୍ଷା ଲାଭ କରିବା ଉଚିତ । ଶ୍ରୀମଦ୍‌ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରେ କୁହାଯାଇଛି, ଏହି କାମ, କ୍ରୋଧ ଓ ଲୋଭ ତିନିଟି ହେଉଛି ନର୍କରର ତିନିଟି ଦ୍ୱାର । ଏହା ସର୍ବାଦୌ ବର୍ଜନୀୟ । ଅନ୍ୟ ତିନିଟି ମଧ୍ୟ କିଛି କମ ନୁହନ୍ତି ।

ମୋହ - ମୋହଗ୍ରସ୍ତ ଲୋକକୁ ଏକ ପାଗଳ କୁହାଯାଇପାରେ । କାରଣ ତା'ମୋହ ତାକୁ ସର୍ବଦା ଭୁଲ ବାଟକୁ ନେଇଯାଇଥାଏ । କ'ଣ ଠିକ୍, କ'ଣ ଭୁଲ, କେଉଁଟି କରଣୀୟ, କ'ଣ ଅକରଣୀୟ, କ'ଣ ଶ୍ରେୟ, କ'ଣ ପ୍ରେୟ ତାହା ସେ ଜାଣିପାରେନାହିଁ । ବିଚାରଣା ଶକ୍ତି ହରାଇ ବସେ । ପତ୍ନୀମୋହ, ଭୂମିମୋହ, ଧନ ମୋହ ପ୍ରଭୃତିରେ ପଡ଼ି ନକଲା କାମ କରି ସୁନାମ, ସୁଖ୍ୟାତି, ପ୍ରତିଷ୍ଠା ପ୍ରଭୃତିରେ ନିଜେ ନିଜ ହାତରେ ଅଗ୍ନି ସଂଯୋଗ କରିଦିଅନ୍ତି । ଶେଷରେ ମୋହଗ୍ରସ୍ତ ଲୋକର ବୁଦ୍ଧି ନାଶ ହୋଇଯାଏ । ବୁଦ୍ଧି ନାଶ ହୋଇଯିବା ଏକ ପ୍ରକାର ମୃତ୍ୟୁ ସହ ସମାନ ।

ମଦ - ଅନ୍ୟ ଅର୍ଥରେ ଗର୍ବ, ଅହଂକାର, ଦମ୍ଭ ପ୍ରଦର୍ଶନ । ଏଗୁଡ଼ିକର ପରିଣାମ ଆମେ ଇଛା କଲାମାତ୍ରେ ଶହ ଶହ ସଂଖ୍ୟାରେ ଆମ ଆଗରେ ପ୍ରତିଭାତ ହୋଇଯିବ । ଭଗବାନ ସବୁ ସହନ୍ତି କିନ୍ତୁ ଗର୍ବ ସହିପାରନ୍ତି ନାହିଁ, ତାଙ୍କ ପାଖରେ କାହାରି ଅହଂକାର କାମ ଦିଏନାହିଁ । ଯେଉଁଥିରେ ଭଗବାନ ସନ୍ତୁଷ୍ଟ ନୁହନ୍ତି ସେ ଗୁଣ ଧାରଣ କରି ମଣିଷ କି ଆନନ୍ଦ, କି ଉପକାର ବା କି ଲାଭ ପାଇବ ? ଗର୍ବୀ ଲୋକ ନିଜ ସ୍ତ୍ରୀ ଓ ପଲାଙ୍କ ପ୍ରିୟ ହୋଇପାରନ୍ତି ନାହ, କର୍ମକ୍ଷେତ୍ରରେ ନିଜ ଉପରସ୍ଥ କର୍ମଚାରୀ ତଥା ନିଜ ସହକର୍ମୀଙ୍କ ପ୍ରିୟ ହୋଇପାରନ୍ତିନାହିଁ, ବ୍ୟବସାୟ କ୍ଷେତ୍ରରେ ନିଜ ଗରାଖଙ୍କ ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ । ନିଜ ବାସସ୍ଥାନରେ ପଡ଼ୋଶୀର ପ୍ରିୟ ମଧ୍ୟ ହୋଇପାରନ୍ତି ନାହିଁ । ସମସ୍ତଙ୍କର ଅପ୍ରିୟ ହୋଇ କି ଶାନ୍ତି, କି ସନ୍ତୋଷ ସେ ଲାଭ କରିପାରିବ ? ଭଗବାନଙ୍କ ପ୍ରିୟ ହେବା ସୁଦୂର ପରାହତ ହୋଇଯିବ ତା'ପକ୍ଷରେ । ଜୀବନ ବ୍ୟର୍ଥ ହୋଇଯିବ ।

ମାତ୍ସର୍ଯ୍ୟ - ମଣିଷ ଯଦି ଅନ୍ୟ ସହ ନିଜକୁ ତୁଳନା କରିବସିବ ସେ ଦେଖିବ ସେ ନିଜେ କେତେକଙ୍କ ଠାରୁ ଉତ୍କୃଷ୍ଟ ଓ ଅନ୍ୟ କେତେକଙ୍କ ଠାରୁ ନିକୃଷ୍ଟ । ସେ ଯେଉଁଠାରେ ଉତ୍କୃଷ୍ଟ ସେଠାରେ ଅହଂକାର ବଢ଼ିବାର ବିପଦଅଛି, ଯେଉଁଠାରେ ନିକୃଷ୍ଟ ସେଠାରେ ଈର୍ଷା ଅସୂୟା ବଢ଼ିବାର ଭୟ ଅଛି । ଉଭୟ ଯାକ ବିପଦପୂର୍ଣ୍ଣ । ଏଥିରୁ ରକ୍ଷା ପାଇବାର ଉପାୟ ଭଗବାନ ବତାଇଛନ୍ତି । ନିଜକୁ ଅନ୍ୟ ମାନଙ୍କ ସହ ତୁଳନା କରିବ ନାହିଁ । ଆମ ସହ କେହି ଜନ୍ମ ହୋଇନାହାନ୍ତି, ଆମ ସେହ କେହି ମଧ୍ୟ ପରଲୋକକୁ ଯିବେନାହିଁ । ନିଜକୁ ନିଜ ସହ ତୁଳନା କଲେ ଉପକାର । ନିଜର ଅତୀତ ସହ ନିଜର ବର୍ତ୍ତମାନକୁ ତୁଳନା କଲେ ନିଜର ଉନ୍ନତି ଅବନ୍ନତି ଜାଣିହେବ ଏବଂ ପ୍ରଚେଷ୍ଟା ଓ ପ୍ରଯତ୍ନ ଫଳରେ ସନ୍ତୋଷଜନକ ଫଳ ମିଳିବ । ଜାଣିହେବ ଯେ ନିଜର କଷ୍ଟଲବ୍ଧ ଚେଷ୍ଟା ଓ ପ୍ରାର୍ଥନା ଫଳରେ ସବୁକିଛି ହାସଲ କରିହେବ । କିଛି ନକରି କେବଳ ଯା ତା'ପ୍ରତି ଈର୍ଷାପରାୟଣ ହେଲେ କିଛି ସୁଫଳ ମିଳିବାର ନାହିଁ ବରଂ କୁପରିଣାମ ନିଶ୍ଚିତ ଭାବେ ପ୍ରାପ୍ତ ହେବ ।

ରପୁମାନଙ୍କର ଖରାପ ଦିଗ ସହ ତାଙ୍କୁ ସଠିକ୍ ଭାବେ ବ୍ୟବହାର କରିପାରିଲେ କିଛି ଭଲ ମଧ୍ୟ ମିଳିପାରିବ । ଯଥା କାମ ଭାବକୁ ଯଦି ଈଶ୍ୱରଙ୍କ ସହ ଯୋଡ଼ିଦିଆଯାଏ ସେ କେବଳ ଈଶ୍ୱରଙ୍କୁ କାମନା କରିବ । ଫଳ ସର୍ବୋତ୍ତମ, ଉଦାହରଣ ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ନିଗମାନନ୍ଦ ସରସ୍ୱତୀ । କ୍ରୋଧକୁ ବ୍ୟବହାର କରି କେତେକ ପ୍ରଭୁକୃପା ଲାଭ କରିଛନ୍ତି । ଯଥା ଶ୍ରୀବତ୍ସ ବ୍ରାହ୍ମଣ । ଈଶ୍ୱର ଉପଲବ୍ଧିରେ ମନୋନିବେଶ କଲାବେଳେ ଏଥିରେ ବାଧା ଦେଉଥିବା ଦର୍ଶନେନ୍ଦ୍ରିୟ ପ୍ରତି କ୍ରୋଧବଶତଃ ନିଜ ଆଖି ଫୁଟାଇ ଦେଇଥିଲେ ଭକ୍ତ ବିଲ୍ୱମଙ୍ଗଳ । ତାଙ୍କୁ ମିଳିଯାଇଥିଲା ଦର୍ଶନ । ଲୋଭକୁ ମଧ୍ୟ ଈଶ୍ୱରାର୍ପିତ କରିହେବ । ଜଣେ ଜଣେ କହିଥାନ୍ତି, ଜଗନ୍ନାଥଙ୍କ ମହାପ୍ରସାଦରେ ମୋର ଲୋଭ । ଏ ଲୋଭ ତ ଭଲ କଥା । ଏ ଲୋଭକୁ ଚରିତାର୍ଥ କରିବା ଉଚିତ । ଫଳ ଭଲ ହେବା ନିଶ୍ଚିତ । ମୋହ - ମୀରା ଏହାର ଉଦାହରଣ । ରାଜକୁଳରେ ଜନ୍ମ, ରାଜବଂଶର କୁଳବଧୂ, ଏସବୁର ମୋହରେ ନପଡ଼ି ସର୍ବଶ୍ରେଷ୍ଠ ମୋହରେ ପଡ଼ି, ନିଜ ସହିତ ସମଗ୍ର ମାନବ ସମାଜ ପାଇଁ ଉଦାହରଣ ପାଲଟିଯାଇଛନ୍ତି । ଭଗବାନଙ୍କ ମୋହରେ ପଡ଼ି, ମୋହନ ବଂଶୀର ମୋହରେ ପଡ଼ି ଗୋପୀ ତଥା ରାଧା କାଳ କାଳକୁ ପୂଜ୍ୟ ହୋଇପାରିଛନ୍ତି । ମଦକୁ ମଧ୍ୟ ସାଧ କରିଥିଲେ ଅକ୍ରୂର । ନିଜର ସାମର୍ଥ୍ୟ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ଦୃଢ଼ତାର ସହ ସେ ତାହାକୁ ବ୍ୟବହାର କରିଥିଲେ । ଯାଦବ ବଂଶର ସୁରକ୍ଷା, ବସୁଦେବ ଦେବକୀଙ୍କର ସୁରକ୍ଷା, ଶ୍ରୀକୃଷ୍ଣଙ୍କୁ ମଥୁରା ନେବା ଓ ସେଥିରେ ଥିବା ବିପଦ ଆପଦରୁ ସମସ୍ତଙ୍କୁ ରକ୍ଷା କରିବାର ଯୋଜନା ଭଗବାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା । ଜଟାୟୁ ନିଜ ମଦକୁ ବ୍ୟବହାର କରି ପୁଷ୍ପକ ବମାନରେ ରାବଣ ସହ ଯୁଦ୍ଧ କର, ଆହତ ହୋଇ, ରାମ କୃପାର ଅଧିକାରୀ ହୋଇଥିଲେ । ମାତ୍ସର୍ଯ୍ୟକୁ ବ୍ୟବହାର କରି କୈକେୟୀ ଓ ମନ୍ଥରା ପରିଶେଷରେ ରାମକୃପା ଲାଭ କରିଥିଲେ । ଏଠାରେ ଦେଖିବାର କଥା, ଆମର କ୍ଷତି ଘଟାଉଥିବା ଶତ୍ରୁମାନଙ୍କୁ କେବଳ ଭଗବାନଙ୍କ କାମରେ ଲଗାଇ ଦେଇ ସେଥିରୁ କ୍ଷତି ବଦଳରେ ଲାଭାନ୍ୱିତ ହେବାର ଦୃଷ୍ଟାନ୍ତ ଅଧିକ । ତେଣୁ ଏଗୁଡ଼ିକୁ ଈଶ୍ୱରଙ୍କ ଠାରେ ଅରପି ଦେଇ ସେମାନଙ୍କ ଦ୍ୱାରା ଉପକୃତ ହୋଇପାରିବା ନିଃସନ୍ଦେହ ।

ଅଳିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

କାନ-ନାକ-ଗଳାର ଯତ୍ନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି । ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତତ୍ତ୍ୱକୁ ଅବ୍ୟବସ୍ଥିତ କରୁଛି । ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍‌ସମ୍ବନ୍ଧୀ ଅନେକ ରୋଗ ରହିଥାଏ । ଆସନ୍ତୁ ଟିକିଏ ଜାଣିବା ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ । ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ । ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ । ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି । ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି । କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳ

ଆସିକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନେତାଜୀଓ ସୁରେନ୍ଦ୍ର ସାଏ ଜୟନ୍ତୀ ଅନୁଷ୍ଠିତ

ଆସିକା (ମହାଭାରତ): ଆସିକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। ଆସିକାର ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର, ସରସ୍ୱତୀ ଶିଶୁମନ୍ଦିର, ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ,କଲେଜ ଛକ ସ୍ଥିତ ଟେକ୍ନିକାଲ ହାଇସ୍କୁଲ, ଏନ ଏ ସୀ ହାଇସ୍କୁଲ, ଆରୀୟାନ ପବ୍ଲିକ ସ୍କୁଲ, ଡିପଲ ସ୍କୁଲ, ହରିହର ଉଚ୍ଚ ବିଦ୍ୟାଳୟ, ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆଦିରେ ଅତି ଧୁମଧାମ ର ସହିତ ପାଳିତ ହୋଇଯାଇଛି।ଛାତ୍ରଛାତ୍ରୀମାନଙ୍କୁ ନେତାଜୀ ଉପାଧି ରବିନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କଥା ସ୍ମରଣ କରାଇ ସହ ଦେଶସ୍ୱାଧିନ ପାଇଁ ସୁବାସ ବୋଷ କଂ ଜୀବନ ବ୍ୟାପି ସଂଗ୍ରାମ ତଥା ଆଜାଦ୍ ହିନ୍ଦ୍ ଫୌଜ ଗଠନ ତଥା ଜୀବନର ଶେଷ ରକ୍ତବିନ୍ଦୁଥିବା ପର୍ଯ୍ୟନ୍ତ ମାତୃଭୂମିର ରକ୍ଷା ପାଇଁ ନିଜ ଜୀବନକୁ ବାଜିଲଗାଇଥିବା କଥା ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟମନ୍ଦିର ସ୍କାଉଟ ଓ ଗାଇଡ୍ ମାନେ ଏହି ଦିବସରେ ନିକଟସ୍ଥ ବସ୍ତି ସଫା କରି। ସହ ଏକ ରାଲି କରିଥିଲେ।

୭୫ତମ ସ୍କାଉଟ ଓ ଗାଇଡ୍ ଗୋଲଡେନ ଜୁବୁଲି ରେ ଅଂଶଗ୍ରହଣ କଲେ ଆସିକା ବ୍ଲକରୁ ରାମକୃଷ୍ଣ ସ୍କାଉଟ ଟ୍ରୁପ

ଆସିକା(ମହାଭାରତ): ତାମିଲନାଡୁର ତ୍ରିଚି ଠାରେ ଆସନ୍ତା ୨୮ଜାନୁଆରୀ ରୁ ୪ଫେବୃଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୭୫ତମ ଭାରତ ସ୍କାଉଟ ଓ ଗାଇଡ୍ ଗୋଲଡେନ ଜୁବୁଲି ରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଗାୟତ୍ରୀ ନଗର ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ମାନେ ଅଂଶ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି ଓଡିଶା ଭାରତ ରାଜ୍ୟ ସ୍କାଉଟ ଓ ଗାଇଡ୍‌ଙ୍କ ମୁଖ୍ୟ କମିଶନର ଙ୍କପତ୍ର ପ୍ରକାରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଙ୍କ ନିର୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲାର ଦୁଇ ଗୋଟି ବିଦ୍ୟାଳୟ ଅଂଶଗ୍ରହଣ କରିବାକୁ ସୁଯୋଗ ପାଇଛନ୍ତି। ଏହି ଦୁଇଟି ବିଦ୍ୟାଳୟ ହେଲେ ଆସିକା ବିଜ୍ଞାପିତ ଅ□ଳ ପରିଷଦ ଗାୟତ୍ରୀ ନଗର ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ୬ଜଣ ସ୍କାଉଟ ଓ ସ୍କାଉଟ ମାଷ୍ଟର କମଲେନ୍ଦୁ ହୋତା ଓ ରଙ୍ଗେଇଲୁଣ୍ଡା ବ୍ଲକ ବ୍ରହ୍ମପୁର ସ୍ଥିତ ଦିଲ୍ଲୀ ପବ୍ଲିକ ସିନିଅର ସେକେଣ୍ଡେରୀ ସ୍କୁଲ ର ୫ଜଣ ଗାଇଡ,୫ଜଣ ସ୍କାଉଟ ଓ ସ୍କାଉଟ ମାଷ୍ଟର ରାଜେଶ କୁମାର ପାତ୍ର ଜଣେ ଗାଇଡ୍ କ୍ୟାପଟେନ। ଆଜି ପୂର୍ବ ଯୋଜନା ମୁତାବକ ଏହି ଦୁଇଟି ବିଦ୍ୟାଳୟ ର ସ୍କାଉଟ ଓ ଗାଇଡ୍ ପ୍ରଥମେ ବ୍ରହ୍ମପୁର ରେଲୱେ ଷ୍ଟେସନ ରୁ ସେମାନଙ୍କ ଓଡିଶା ମୁଖ୍ୟ କାର୍ଯ୍ୟାଳୟ ଅଭିମୁଖେ ସେମାନଙ୍କ ଯାତ୍ରା ଆରମ୍ଭ କରିଛନ୍ତି। ଆସନ୍ତା ୨୪ ତାରିଖରେ ସେମାନେ ଭୁବନେଶ୍ୱର ରୁ ତ୍ରିଚି ଅଭିମୁଖେ ଯାତ୍ରା ଆରମ୍ଭ କରି ତ୍ରିଚି ଠାରେ ଗୋଲେଡେନ ଜୁବୁଲିରେ ଅଂଶଗ୍ରହଣ କରିବେ।

ଟିକ୍ରପଡା କେନ୍ଦ୍ରପତ୍ର ରେଞ୍ଜ ସ୍ତରୀୟ କମିଟି ଗଠନ

ଟିଟିଲାଗଡ (ମହାଭାରତ) ଟିଟିଲାଗଡ ଡିଭିଜନ ଅନ୍ତର୍ଗତ ଟିକ୍ରାପଡା ରେଞ୍ଜ ଅଧିନସ୍ଥ ଚଳକି ଗିରିଗୋବର୍ଦ୍ଧନ ପିଠ ରେ ଟିକ୍ରାପଡା କେନ୍ଦ୍ରପତ୍ର ରେଞ୍ଜ ହେଡ ଚେକର ,ସର୍କଲ ଚେକର, ବାଇଣ୍ଡିଙ୍ଗ ଚେକର, ଚେକର ,ମୁନସୀ ଓ ଫଡି ସାଥି ମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମ ଟିଟିଲାଗଡ ଡିଭିଜନ ଉପଦେଷ୍ଟା ଶୁରେଶ ମହାନନ୍ଦ , ଟିଟିଲାଗଡ ଡିଭିଜନ ସଭାପତି ଛବିଳ ସିଂ ଚିନ୍ଦା , ସର୍ଇନ୍ତଲା ରେଞ୍ଜ ସଭାପତି ପ୍ରଶାନ୍ତ କୁମାର ମେହେର ,ଟିକ୍ରପଡା ହେଡ ଚେକର ରାମ ରାଜ ପଳିଆ ,ସନ୍ତୋଷଦାସ ମଞ୍ଚାସିନଥିବାବେଳେ ସମସ୍ତଙ୍କସମ୍ମତି କ୍ରମେ ଧବଳେଶ୍ୱର ବାରିକ ଙ୍କୁ ଟିକ୍ରାପଡା ରେଞ୍ଜ ସଭାପତି ଦାୟିତ୍ୱ ପ୍ରଦାନ କରାଗଲା , ସମସ୍ତ ସିଜିନାଳ କର୍ମଚାରୀ ଙ୍କୁ ବାର ମାସ କରିବା ସହ ଉପଯୁକ୍ତପ୍ରାପ୍ତ ପାଇବା ପାଇଁ ଟିଟିଲାଗଡଡିଭିଜନଉପଦେଷ୍ଟା ଶ୍ରୀ ଶୁରେଶ ମହାନନ୍ଦ ପ୍ରକାଶକରିବାସହ ଆସନ୍ତା କେନ୍ଦ୍ରପତ୍ରସିଜନ ରେ କିପରି ସମସ୍ତକାର୍ଯ୍ୟ ଠିକ ଭାବରେ ସମ୍ପାଦନ ହେବ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।ଯଦିସରକାର ଏହାର ସମାଧାନ ନକଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରାଯିବବୋଲି ସମସ୍ତ କର୍ମଚାରୀ ମତ ପ୍ରକାଶକରିଥିଲେ ,ପରମେଶ୍ୱର ବକୁଳ , ହେମନ୍ତ ସାହୁ ,ମକରଧ୍ୱଜ ଧରୁଆ, ଲମ୍ବୋଦର ରାଜ, ଘାସିରାମ ମାଝି, ଧ୍ରୁବ ମାଝି ଓ ଟିକ୍ରାପଡା ରେଞ୍ଜ ତଥା ଟିଟିଲାଗଡ ଡିଭିଜନ ର ବହୁ କର୍ମଚାରୀ ଯୋଗ ଦେଇ ଥିଲେ।

ଶାନ୍ତି ଶକ୍ତିଭବନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଆସିକା(ମହାଭାରତ): ଆସିକା ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି । ସେବା କେନ୍ଦ୍ର ସ□ଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଆସିକା ସୁଗାର ଇଣ୍ଡଷ୍ଟ୍ରୀର ପରିଚାଳନା ନିର୍ଦ୍ଦେଶକ ଡା ସୁଶାନ୍ତ ପଣ୍ଡା, ଆସ୍ଥା ମେଡିକାଲର ସୁପରି□ଣ୍ଡେ□ ଡା. ବାଳ ଗୋପାଳ ବେହେରା,ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବି ପି ଏମ ସାଗରିକା ମିଶ୍ର ଓ ବ୍ରହ୍ମପୁର ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କ୍ ର ଡା.ମନୋଜ ଟୁଡୁ ।ବ୍ରହ୍ମପୁର ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କ୍ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମ ରେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

ନୂଆଗାଁ ଆଦର୍ଶ ବିଦ୍ୟାଳୟ ଉଦଘାଟିତ

ନୂଆଗାଁ (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ସଦରମହକୁମାରେ ଥିବା ନୂଆଗାଁ ଆଦର୍ଶ ବିଦ୍ୟାଳୟ ବହୁ ପ୍ରତୀକ୍ଷା ର ଅନ୍ତ ଘଟି ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦଘାଟନ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଅକ୍ଳାନ୍ତ ପରିଶ୍ରମୀ ହେବା ପାଇଁ ପରାମର୍ଶ ଦେଇଥିଲେ।ଅନ୍ୟ ରାଜ୍ୟରେ ଆଦର୍ଶ ବିଦ୍ୟାଳୟ ନଥିବା ସ୍ଥଳେ ଓଡ଼ିଶାରେ ଥିବା ଆଦର୍ଶ ବିଦ୍ୟାଳୟ ଗୁଡିକରେ ସିବିଏସଇ ଢାଞ୍ଚାରେ ପାଠପଢା ହେଉଥିବାରୁ ଭବିଷ୍ୟତରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ମୟ ହେବ ବୋଲି କହିଥିଲେ।ଛାତ୍ର ଛାତ୍ରୀ ମାନଙ୍କୁ ସୁଦୃଢ଼ ଭାବେ ଗଢ଼ିବା ସହ ଶିକ୍ଷାଦାନ ଅଧିକ ସୁଦୃଢ କରିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନୁଜି ରାଉ,ବିଡ଼ିଓ ଡ଼ ଅମୃତ କୁମାର ରାଉଳ,ତହସିଲଦାର ହେମନ୍ତ କୁମାର ନାୟକ,ବ୍ଲକ୍ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ,ନୂଆଗାଁ ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ଭୀମସେନ ଦାସ ପ୍ରମୁଖ ଯୋଗ ଦେଇଥିଲେ।ଯପରିଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।ବିଦ୍ୟାଳୟ ପରିସରରେ ଅତିଥି ମାନେ ବୃକ୍ଷ ରୋପଣ କରିଥିଲେ।ବହୁଦିନ ଧରି ନୂଆଗାଁ ହାଇସ୍କୁଲ୍ ପରିସରରେ ଆଦର୍ଶ ବିଦ୍ୟାଳୟ ଚାଲିଥିବା ବେଳେ ଶ୍ରେଣୀ ଗୃହର ଅଭାବ ଯୋଗୁ ଛାତ୍ର ଛାତ୍ରୀ ମାନଙ୍କ ପାଠ ପଢା ରେ ବ୍ୟାଘାତ ହେଉଥିଲା।ଏହି ସମସ୍ୟା ନେଇ ବିଦ୍ୟାଳୟର ଅଧ୍ୟକ୍ଷ ଜିଲ୍ଲାପାଳ ଙ୍କୁ ଭେଟି ସମସ୍ୟା ଜଣାଇଥିଲେ।ଜିଲ୍ଲାପାଳ ଏହି ସମସ୍ୟା କୁ ହୃଦୟଙ୍ଗମ କରି ଆଜି ନୂଆଗାଁ ବିରୁପାଖେସ୍ୱର୍ ଶିବ ମନ୍ଦିର ନିକଟରେ ହେଉଥିବା ନୂତନ ଆଦର୍ଶ ବିଦ୍ୟାଳୟ ଉଦଘାଟନ କରିଥିଲେ।ଯଯାହାକି ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନଙ୍କ ମଧ୍ୟରେ ଖୁସୀର ଲହରୀ ଖେଳିଯାଇଛି।ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନ ରେ ସହଯୋଗ କରିଥିଲେ।

ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ପକ୍ଷରୁ 'ଫ୍ଲାଗ ଫାଉଣ୍ଡେସନ ଡେ' ପାଳିତ



ଯୋଡ଼ା/ବଡ଼ବିଲ,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା/ବଡ଼ବିଲ ସ୍ଥିତ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପକ୍ଷରୁ 'ଫ୍ଲାଗ ଫାଉଣ୍ଡେସନ ଡେ' ବଡ଼ବିଲ, କାଶିଆ ଓ ଟେନ୍ସା ୟୁନିଟରେ ବଡ଼ ଉତ୍ସାହର ସହ ପାଳିତ ହୋଇଯାଇଛି। ସର୍ବସାଧାରଣଙ୍କୁ ସମ୍ମାନର ସହ ମୁକ୍ତ ଭାବେ ଜାତୀୟ ପତାକା ଉଡ଼ାଇବାର ଅଧିକାର ଦେବା ପାଇଁ ଜେଏସପିର ଅଧ୍ୟକ୍ଷ ତଥା ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ଶ୍ରୀ ନବୀନ ଜିନ୍ଦଲଙ୍କ ଦ୍ୱାରା ଚାଲିଥିବା ଦଶନ୍ଧିର ନ୍ୟାୟିକ ସଂଗ୍ରାମକୁ ସମ୍ମାନ ଦେବା ଉପଲକ୍ଷେ ଏହି 'ଫ୍ଲାଗ ଫାଉଣ୍ଡେସନ ଡେ' ପାଳିତ ହୋଇଆସୁଛି। ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମଡି. ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି କାଶିଆ ଓ ଟେନ୍ସା ମାଇନ୍ସ ପରିସରରେ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଥିଲେ।ଜାନୁଆରୀ ୨୩ ଏକ ବିରାଟ ଐତିହାସିକ ମୂହୂର୍ତ୍ତକୁ ସ୍ମରଣ କରାଏ; କାରଣ ୨୦୦୪ ମସିହା, ଏହି ଦିନରେ ଶ୍ରୀ ଜିନ୍ଦଲଙ୍କ ଦଶନ୍ଧିର ନ୍ୟାୟିକ ସଂଗ୍ରାମରେ ସୁପ୍ରିମକୋର୍ଟରେ ବିଜୟ ମିଳିଥିଲା। ଏହି ଐତିହାସିକ ର । ୟ ସର୍ବସାଧାରଣଙ୍କ ମୁକ୍ତ ଓ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇବାର ଅଧିକାରକୁ ସାବ୍ୟସ୍ତ କରିଥିଲା। ଏହି ରାୟ ଦ୍ୱାରା ତ୍ରିରଙ୍ଗାକୁ ଏକତା, ଗୌରବ ଓ ଦେଶ ପ୍ରତି ନିଷ୍ଠାର ପ୍ରତୀକ ଭାବେ ସ୍ୱୀକୃତି ମିଳିଥିଲା। ଶ୍ରୀ ନବୀନ ଜିନ୍ଦଲ ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ଦ୍ୱାରା ପ୍ରତିଷ୍ଠିତ ଫ୍ଲାଗ୍ ଫାଉଣ୍ଡସନ ଅଫ୍ ଇଣ୍ଡିଆ ଜାତୀୟ ପତାକାର ଗୌରବର ପ୍ରସାର ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବିଭିନ୍ନ ସମୟରେ ଆଲୋଚନାଚକ୍ରର ଆୟୋଜନ, ପୁସ୍ତକ ପ୍ରକାଶନ, ତ୍ରିରଙ୍ଗା ଦୌଡ଼ ଓ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ଦ୍ୱାରା ଜାତୀୟ ପତାକା ପ୍ରତି ନାଗରିକଙ୍କ ସମ୍ମାନ ବୃଦ୍ଧି ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି। ଦେଶ ବ୍ୟାପୀ ୧୬୩ ଓ ଓଡ଼ିଶାରେ ୮ଟି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ହୋଇସାରିଥିବା ବେଳେ ଫାଉଣ୍ଡେସନ ପକ୍ଷରୁ ଏହି ଅଭିଯାନ ଜାରି ରହିଛି।ଫ୍ଲାଗ ଫାଉଣ୍ଡେସନ ଡେ ଅବସରରେ ଶ୍ରୀ ଜିନ୍ଦଲ ସବୁ ଘରେ ତ୍ରିରଙ୍ଗା, ସବୁ ଦିନ ତ୍ରିରଙ୍ଗା ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହା ସହିତ ଦେଶଗଠନ ପ୍ରତି ସାମଗ୍ରିକ ନିଷ୍ଠାକୁ ତ୍ରିରଙ୍ଗା ପ୍ରେରିତ କରୁ ବୋଲି ସେ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ତ୍ରିରଙ୍ଗାର ମୂଲ୍ୟବୋଧକୁ ସମ୍ମାନ ଦେବା ପାଇଁ ଶପଥ ନେଇଥିଲେ। ଏହି ଅବସରରେ ଅନଲାଇନ ଦସ୍ତଖତ ଓ କ୍ୱିଜ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ହିନ୍ଦୋଳରେ ବିଦ୍ୟୁତ ବିଭାଗର ମିଟର ମାରଣା ନୀତି ଗ୍ରାହକଙ୍କୁ ଲୁଟୁଛି ଟିପିସିଓଡିଏଲ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ୍.ଏ.ସି ରେ ବିଦ୍ୟୁତ ଉପୋଭୋକ୍ତା ମାନଙ୍କୁ ଲୁଟିବାକୁ ଟାଟା ପାୱାର ବାହାର କରିଛି ସ୍ମାର୍ଟ ମିଟର । ସେଥିପାଇଁ ବିଦ୍ୟୁତ ଉପଭୋକ୍ତାଙ୍କ ଠିକ୍ ଥାଇ ମିଟର ଖରାପ କହି ରିଡ଼ିଂ ନ ନେଇ ଆଭରେଜ୍ ବିଲ ଅଧିକ କରି ଗ୍ରାହକଙ୍କୁ ବିଲ ଦେଉଛି ଟିପିସିଓଡିଏଲ । ଯେଉଁ ନୂତନ ମିଟର ଲଗେଇ ବାକୁ କହୁଛି ତାହାର ଦମ ୭ ହଜାର ଟଙ୍କା ଓ ସେଇ ମିଟର ପାଇଁ ମାସିକ ବିଲ ରେ ୧୮୦ ଟଙ୍କା ଅଧିକ କରିକି ଦେବାକୁ ପଡିବ ବୋଲି କହୁଛନ୍ତି ବିଦ୍ୟୁତ ବିଭାଗ କର୍ମଚାରୀ। ଯେଉଁ ନୂତନ ସ୍ମାର୍ଟ ମିଟର ଲାଗିବ ତାହା ସଧାରଣ ବିଲଠୁ ଅଧିକ ଆସିବ ବୋଲି ବିଦ୍ୟୁତ ଭୋକ୍ତା ମାନେ ଭୟଭୀତ । ଏପଟେ ବିଜେପି ସରକାର ପାୱାର କୁ ଆସିଲେ ୩୦୦ ୟୁନିଟ୍ ବିଜୁଳି ଛାଡ କରିବାର ପ୍ରତିଶ୍ରୁତି ଦେଇ ସରକାର କୁ ଆସିଥିବା ବେଳେ ବିଦ୍ୟୁତ ବିଲ ଛାଡ ନକରି ତା ପରିପ୍ରେକ୍ଷୀରେ ବିଦ୍ୟୁତ ଉପଭୋକ୍ତାଙ୍କୁ ଲୁଟିବାକୁ ଉଦ୍ୟମ କରୁଛି ସରକାରଙ୍କ ଇଙ୍ଗିତରେ ଟାଟା ପାୱାର ଯ ଯଦି ଏହିପରି ଭାବେ ଚାଲୁଥିବା ମିଟର କୁ ଚାଲିବାକୁ ଅନୁମତି ଦିଆ ନ ଯାଏ ଆଗାମୀ ଦିନରେ ସମସ୍ତ ମିଟର ହିନ୍ଦୋଳ ବିଦ୍ୟୁତ ବିଭାଗ ସାମ୍ନାରେ ବିଦ୍ୟୁତ ଉପଭୋକ୍ତା ମାନେ ଫୋପଡି ଦେବେ ବୋଲି ସାଧାରଣରେ ଆଲୋଚନା ହେଉଛି । ସ୍ମାର୍ଟ ମିଟର ଲାଗିଲେ ମିଟର ରିଡ଼ିଂ କର୍ମଚାରୀ ଓ ବିଲ ସଂଗ୍ରହ କାରୀଙ୍କ ଚାକିରିରୁ ଛଟାଇ କରିବାକୁ ଉଦ୍ୟମ କରୁଛି ଟାଟା ପାୱାର । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ ସ୍ମାର୍ଟ ମିଟର ଲଗାଇବାକୁ ଚେଷ୍ଟା କରିଥିଲା ଟାଟା ।ତାକୁ ଜନସାଧାରଣଙ୍କ ବିରୋଧ ପରେ କିଛି ଜିଲ୍ଲାରେ ପୁରୁଣା ମିଟର କୁ ଚାଲୁ କରାଯାଇଛି । ସେହିପରି ଭାବେ ହିନ୍ଦୋଳ ରେ ସେହି ମିଟର ମାରାଣା ନୀତିକୁ ବନ୍ଦ କରି ଚାଲୁଥିବା ମିଟର କୁ କାର୍ଯ୍ୟକ୍ଷମ କରାଯାଉ ବୋଲି ହିନ୍ଦୋଳ ବାସୀଙ୍କ ତାରଫରୁ ଅନୁରୋଧ ।ନହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ରୂପ ନେଇ ପାରେ ଓ ସରକାରଙ୍କୁ ଘେରି ପାରନ୍ତି ଜନସାଧାରଣ ।

ପାରାଦୀପ ରେ ନେତାଜୀ ୧୨୯ ତମ ଜୟନ୍ତୀ ଉତ୍ସବ ପାଳିତ

ପାରାଦୀପ(ମହାଭାରତ): ପାରାଦୀପ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନେତାଜୀ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ମହାନ ଦେଶପ୍ରେମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଙ୍କର ୧୨୯ ତମ ଜନ୍ମ ଜୟନ୍ତୀ ଜାନୁଆରୀ ୨୩ ତାରିଖ ଗୁରୁବାର ଦିନ ପାରାଦୀପ ସ୍ଥିତ ନେତାଜୀ ଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି । ଟ୍ରଷ୍ଟ ର ସଭାପତି ପବିତ୍ର ମିଶ୍ର ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବ ରେ ପାରାଦ୍ୱୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର, ଶିକ୍ଷକ ନେତା ବାବୁରାମ ଚୌଧୁରୀ, ଶ୍ରମିକ ନେତା ବିଷ୍ଣୁଚରଣ ମୁଦୁଲି, କଳିଙ୍ଗ ମହିଳା ଶକ୍ତି ସଭାନେତ୍ରୀ ମନୋରମା ଖଟୁଆ, ନେତାଜୀ ପ୍ରେମୀ ଅଜୟ କୁମାର ନାୟକ କଳ୍ପତରୁ ମନ୍ତ୍ରୀ, ପ୍ରଦୀପ ଜେନା, ସଞ୍ଜୟ ସାହା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଆଜିର ସମାଜ ପାଇଁ ନେତାଜୀ ଙ୍କ ଆଦର୍ଶ ଓ ଦେଶପ୍ରେମ ର କେତେ ଆବଶ୍ୟକତା ରହିଛି ତାହା ନିଜ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବଡ଼ପଡ଼ିଆ ଛକ ଠାରେ ସ୍ଥାପିତ ହୋଇଥିବା ନେତାଜୀ ଙ୍କ ଅଶ୍ୱାରୋହୀ ପ୍ରତିମୂର୍ତ୍ତି ରେ ଅତିଥି ମାନେ ପୁଷ୍ପମାଲ୍ୟ, ଧୂପ, ଦୀପ ପ୍ରଦାନ କରି ଶ୍ରଦ୍ଧାଶୁମନ ଜ୍ଞାପନ କରିଥିଲେ । ଶେଷରେ ଟ୍ରଷ୍ଟ ର ସାଧାରଣ ସମ୍ପାଦକ ମନୋଜ କୁମାର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

ନେତାଜୀ ସଂସଦ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ

ବିଷମ କଟକ(ମହାଭାରତ): ଆଜି ସାରା ଦେଶରେ ନେତାଜି ଜୟନ୍ତି ପାଳନ ହୋଇ

ଜିଲ୍ଲାସ୍ତରୀୟ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ପାଳିତ

ସମ୍ବଲପୁର :(ମହାଭାରତ): ଆଜି ଜିଲ୍ଲାସ୍ତରୀୟ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ପାଳିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳୀରାମ ବୋନ୍ଦର ଆଇ.ଏ.ଏସ୍ ଓ ଅତିରିକ୍ତ ଜିଲ୍ଲାପାଳ ସୁଷ୍ଟରୁ କୁମାର ବଳ ଜେଲ୍ ଛକରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସଂସ୍କୃତିକ ସମାଜ ପକ୍ଷରୁ ସକାଳ ୯ଟାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିଠାରୁ ସହିଦ ସ୍ତମ୍ଭ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଓଡ଼ିଶା ସଂସ୍କୃତିକ ସମାଜରେ ଅନୁଷ୍ଠିତ ସଭାରେ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି,ବିଧାୟକ ରେଜାଲି ଶ୍ରୀ ସୁଦର୍ଶନ ହରିପାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଷ୍ଟରୁ କୁମାର ବଳ, ଓଡ଼ିଶା ସାଂସ୍କୃତି ସମାଜର ସଭାପତି ପରେଶ ଦାନୀ, ଓଡ଼ିଶା ସଂସ୍କୃତି ସମାଜର ସମ୍ପାଦକ ଦୀନବନ୍ଧୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାବିଜେତାଙ୍କୁ ପୁରସ୍କାର ବିତରଣ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଗଜପତି ଶାଖା ତରଫରୁ କର୍ତ୍ତବ୍ୟ ବୋଧ ଦିବସ ପାଳନ

- ଉଦୟଗିରି (ମହାଭାରତ): ଗୁରୁବାର ଅପରାହ୍ନ ୨ ଘଣ୍ଟା ସମୟରେ ରା. ଉଦୟଗିରି ବ୍ଲକର କା□ର୍ତ୍ତିକ ଗମାଙ୍ଗ ଉଚ୍ଚବିଦ୍ୟାଳୟ ମହେନ୍ଦ୍ରଗଡ଼ ଠାରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର କର୍ତ୍ତବ୍ୟ ବୋଧ ଦିବସ ପାଳିତ ହୋଇଯାଇଛି । ଏ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାନ୍ତ ସାଧାରଣ ସମ୍ପାଦକ ଶ୍ରୀ ପ୍ରମୋଦ କୁମାର ବାଜୁବନ୍ଧ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଚନ୍ଦ୍ରଗିରି କଲ୍ୟାଣ ବିଭାଗ ବାଳିକା ବିଦ୍ୟାଳୟର ସଂସ୍କୃତ ତଥା ସାରସ୍ୱତ ସାଧକ ଶ୍ରୀ ଲଳିତ ମୋହନ ମିଶ୍ର ମୁଖ୍ୟ ବକ୍ତା ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀ ସନାତନ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଆଦିକନ୍ଦ ନାୟକ,ଅବସରପ୍ରାପ୍ତ ବନପାଳ ଶ୍ରୀ ତ୍ରିନାଥ ବିଷୋୟୀରତ୍ନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ଜିଲ୍ଲାର ବିଭିନ୍ନ ବ୍ଲକର ପ୍ରାୟ ୫୦ ଜଣ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ଓ ସାଧାରଣ ଲୋକ ମାନେ ନିଜ ନିଜର କର୍ତ୍ତବ୍ୟ ସୁଷ୍ଠରୁ ରୂପେ ସମ୍ପାଦନ କଲେ ରାଷ୍ଟ୍ର ନିର୍ମାଣ ହୋଇ ପାରିବ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଜିଲ୍ଲାର ସାତୋଟି ବ୍ଲକରୁ ପ୍ରାଥମିକ ଓ ମାଧ୍ୟମିକ ବର୍ଗରୁ ଦୁଇ ଜଣ ଲେଖାଏଁ ଶିକ୍ଷକ ମାନଙ୍କୁ ସଂଗଠନର ସୁପରିଚାଳନା ପାଇଁ ଚୟନ କରାଯାଇଥିଲା ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ନାହାକ ସଭାପତି ଆସନ ଅଳଙ୍କୃତ କରିଥିବା ବେଳେ ରାଜ୍ୟ ପୁରସ୍କୃତ ଶିକ୍ଷକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ସୁବାସ ଚନ୍ଦ୍ର ସାହୁ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ବୀର ସୁରେନ୍ଦ୍ରସାଏ ଓ ନେତାଜୀ ଜୟନ୍ତୀ ପାଳିତ

ବାଣପୁର :(ମହାଭାରତ)ଭାରତମାତାର ଦୁଇ କୃତୀ ସନ୍ତାନ, ମହାନସ୍ୱାଧୀନତା ସଂଗ୍ରାମୀ ବୀର ବିପ୍ଳବୀ ନେତାଜୀ ସୁବାଷ ଓ ବୀର ସୁରେନ୍ଦ୍ର ସାଏଙ୍କ ମିଳିତ ଜୟନ୍ତୀ ଉତ୍ସବ ନେହେରୁ ସେବା ସଂଘର କନକ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି ।ସେବା ସଂଘର ସଂପାଦିକା ସରୋଜିନୀଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଓମ ପ୍ରକାଶ ଅଗ୍ରୱାଲ ମୁଖ୍ୟ ଅତିଥି ଓ ଚିଲିକା ସାହିତ୍ୟ ସମାଜର ସଭାପତି ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ପରାଧୀନ ଭାରତର ସ୍ୱାଧୀନତା ସଂଗ୍ରାମରେ ଦୁଇ ମହାନ ସଂଗ୍ରାମୀଙ୍କ ଅସୀମ ତ୍ୟାଗ ଓ ବଳିଦାନ ଉପରେ ଦିଷ୍ଟାନ୍ତ ବ୍ୟକ୍ତବ୍ୟ ରଖି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ରେ ଶ୍ରମିକ ଛଟେଇ ନିଷ୍ପତି କୁ ବିରୋଧ କଲା ପୂର୍ବ ଉପକୂଳ ଶ୍ରମିକ ସଙ୍ଘ

ପାରାଦୀପ (ମହାଭାରତ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମଏନଏସ) ରେ ଶ୍ରମିକ ଛଟେଇ ନିଷ୍ପତ୍ତି କୁ ବିରୋଧ କରିଛି ପ୍ରକାଶ ତ୍ରିପାଠୀଙ୍କ ନେତୃବାଧୀନ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ । କମ୍ପାନୀ ନିଷ୍ପତ୍ତି ପ୍ରତିବାଦ ରେ ଏଏମଏନଏସ କମ୍ପାନୀ ରେ କାର୍ଯ୍ୟରତ ପ୍ରାୟ ୧୨ ଶହ ରୁ ଉର୍ଦ୍ଧ ଶ୍ରମିକ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି ଶ୍ରମିକ ସୁରକ୍ଷା ସମାବେଶ । ଗୋଟିଏ ପଟେ ଏଏମଏନଏସ ର ନୂତନ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ପାଇଁ ଆନୁସଙ୍ଗିକ ପ୍ରସ୍ତୁତି ଚାଲିଥିବା ବେଳେ ସମ୍ପ୍ରତି କମ୍ପାନୀରେ କାର୍ଯ୍ୟ କରୁଥିବା ଶ୍ରମିକ ଛଟେଇ କୁ ବିରୋଧ କରିଛନ୍ତି ହଜାର ହଜାର ଶ୍ରମିକ । ଏଏମଏନଏସ ତରଫରୁ ଆସନ୍ତା ଜାନୁୟାରୀ ୩୧ ତାରିଖ ରେ କମ୍ପାନୀରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀ ମାନଙ୍କ ମଧ୍ୟରୁ ୨୦ ପ୍ରତିଶତ ଶ୍ରମିକ ଓ କର୍ମଚାରୀଙ୍କୁ ଛଟେଇ କରିବାକୁ ନୋଟିସ ଜାରି କରାଯାଇଛି । କମ୍ପାନୀ ର ନିଷ୍ପତ୍ତିକୁ ନେଇ ସ୍ୱର ଉଠାଇଛନ୍ତି ଉଭୟ ଶ୍ରମିକ ଓ ଶ୍ରମିକ ସଂଗଠନ । ଶିଳ୍ପର ପ୍ରଗତିକୁ ଆଗେଇନେବା ସହିତ ଶିଳ୍ପପ୍ରତିଷ୍ଠା ଏବଂ ନିଯୁକ୍ତି କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲର ଶ୍ରମିକ ଛଟେଇ ନିଷ୍ପତ୍ତିକୁ ବିରୋଧ କରି ସହିତ ଏହି ଘଟଣା କୁ ରାଜ୍ୟସରକାର, କେନ୍ଦ୍ର ସରକାର ଏବଂ ସ୍ଥାନୀୟ ନେତୃତ୍ୱଙ୍କ ଦୃଷ୍ଟି ଗୋଚର କରିଛି ପୂର୍ବ ଉପକୂଳ ଶ୍ରମିକ ସଙ୍ଘ । କମ୍ପାନୀ ନେଇଥିବା ବେଆଇନ ଛଟେଇ ନିଷ୍ପତ୍ତି ରୁ ବିରତ ନ ରହିଲେ ଆଗାମୀ ଦିନରେ ଏଏମଏନଏସ ଏକ ବୃହତ ଆନ୍ଦୋଳନ କୁ ସାମ୍ନା କରିବ ବୋଲି ଶ୍ରମିକ ନେତା ତଥା ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ର ସଭାପତି ପ୍ରକାଶ ତ୍ରିପାଠୀ ଚେତାବନୀ ଦେଇଛନ୍ତି । ଏସାର କମ୍ପାନୀ କୁ ଆର୍ସେଲର ମିତ୍ତଲ କ୍ରୟ କରିବା ପରେ ୩ ଶହ ରୁ ଉର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତି ଦେଇଥିବା ବେଳେ କଣ ପାଇଁ ଓ କାହା ପ୍ରରୋଚନା ରେ ଆଜି କମ୍ପାନୀ ଅଧିକାରୀ ଶ୍ରମିକ ଛଟେଇ ଭଳି ନିଷ୍ପତ୍ତି ଆପଣାଇଛନ୍ତି ତାହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ଶ୍ରମିକ ନେତା ।ଶ୍ରମିକ ବଞ୍ଚିଲେ ଶିଳ୍ପ ବଞ୍ଚିବ, ଶିଳ୍ପ ବଞ୍ଚିଲେ ପ୍ରଗତି ହେବ,କିନ୍ତୁ ଶ୍ରମିକ କୁ ଛଟେଇ କଦାପି ବରଦାସ୍ତ କରାଯିବ ନାହିଁ, କମ୍ପାନୀ ତାର ନିଷ୍ପତ୍ତି ପରିବର୍ତ୍ତନ ନ କରି ଯଦି ଶ୍ରମିକ ମାନଙ୍କୁ ଛଟେଇ କରେ ତେବେ ଟ୍ରେଡ଼ ୟୁନିୟନ ଆକ୍ଟ ଅନୁଯାଇ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ତରଫରୁ ସାମ୍ବିଧାନିକ ପଦ୍ଧତି ରେ ବିରୋଧ କରିବାକୁ ଶ୍ରମିକ ସୁରକ୍ଷା ସମାବେଶ ରେ ଚେତାବନୀ ଦେଇଛନ୍ତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ । ତେବେ ଏଏମଏନଏସ କମ୍ପାନୀ ଫାଟକ ନିକଟରେ ବୁଧବାର ଦିନ ଆୟୋଜିତ ଶ୍ରମିକ ସମାବେଶରେ ସଙ୍ଘ ର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ଉପସଭାପତି ସୁବ୍ରତ ପ୍ରଧାନ, ସର୍ବେଶ୍ୱର ବଳିୟାରସିଂହ, ରତ୍ନାକର ଜେନା ପ୍ରମୁଖ ଉପସ୍ଥିତ ରହି କମ୍ପାନୀ ର ଅନ୍ୟାୟ ନିଷ୍ପତ୍ତି କୁ କଡ଼ା ବିରୋଧ କରିଥିଲେ ।

ଖଜୁରୀପଡ଼ାରେ ନୂତନ ବିଡ଼ିଓଙ୍କ ଦାୟିତ୍ୱ ଗ୍ରହଣ

କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ରେ ନୂତନ ବିଡ଼ିଓଙ୍କ ଦାୟିବ ଗ୍ରହଣ । ସୂଚନା ପ୍ରକାରେ ଖଜୁରୀପଡା ବ୍ଲକ୍ ରେ ପୂର୍ବରୁ ତହସିଲଦାର ଓ ବିଡ଼ିଓ ଭାବେ ସୌମ୍ୟରଞ୍ଜନ ପାତ୍ର ଦାୟିବ ନିର୍ବାହ କରୁଥିଲେ ୟ କିଛି ଦିନ ହେବ ଏଥିପାଇଁ ବିଜ୍ଞାପ୍ତି ପ୍ରକାଶ ପାଇଥିବା ବେଳେ ବୁଧବାର ଦିନ ଖଜୁରୀପଡାବ୍ଲକରେ ଶୁଭ ଦଭାତ୍ରେୟ ବାହିନୀ ପତି ନୂତନ ବିଡ଼ିଓ ଭାବେ ଦାୟିବ ଗ୍ରହଣ କରିଛନ୍ତି । ଶ୍ରୀ ସୌମ୍ୟରଞ୍ଜନ ପାତ୍ର ନୂତନ ଭାବେ ଯୋଗଦାନ କରି ଥିବା ଶ୍ରୀ ବାହିନୀ ପତି ଙ୍କୁ ସ୍ୱାଗତ କରିଥିଲେ ।

ଏନ୍ ପି ଏସ୍ ଶିକ୍ଷକ ସଂଘର ବୈଠକ

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ ଏନ୍ ପି ଏସ୍ ଶିକ୍ଷକ ସଂଘର ଜରୁରୀ ବୈଠକ । ସୂଚନା ପ୍ରକାରେ କୋଟଗଡ଼ ବ୍ଲକ ଅନ୍ତର୍ଗତ ଶିବ ମନ୍ଦିର ନିକଟରେ କୋଟଗଡ଼ ବ୍ଲକ ଏନ୍ ପି ଏସ୍ ଶିକ୍ଷକ ସଂଘର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବୈଠକରେ ସ୍ୱର୍ଗାରୋହଣ କରିଥିବା ଦୁଇ ଶିକ୍ଷକଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତା'ପରେ ବ୍ଲକ ରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇ ଆଗକୁ କିପରି ସମସ୍ୟାର ସମାଧାନ ହେବ ସେଥିପାଇଁ କିଛି ନିଷ୍ପତ୍ତି ନିଆଗଲା । ବୈଠକଟି ସଭାପତି ଶ୍ରୀ ନାଗାର୍ଜୁନ ବଡସେଟ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସଭା ପରିଚାଳନା ସମ୍ପାଦକ ଶ୍ରୀ ସୁଗ୍ରୀବ ନାୟକ କରିଥିଲେ। ଏଥିରେ ପ୍ରତ୍ୟେକ ପଞ୍ଚାୟତର ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଥିଲେ । ଶେଷରେ ସମ୍ପାଦକ ଶ୍ରୀ ନାୟକ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ପ୍ରହସନ ରେ ବନ୍ଦର ପାଇଁ ୩ୟ ଜନଶୁଣାଣୀ, ଜନତା ଙ୍କ ବିରୋଧ ରେ ପ୍ରଶାସନ ଚୁପ୍

ଅସ୍ତରଙ୍ଗ(ମହାଭାରତ) - ୨୦୦୬ ମସିହା ଇଆଇଏ ବିଜ୍ଞପ୍ତି ଅନୁସାରେ ଅସ୍ତରଙ୍ଗ ଠାରେ ପ୍ରସ୍ତାବିତ ବନ୍ଦର ପ୍ରଥମ ଶ୍ରେଣୀ ପରିସରଭୁକ୍ତ ଓ ଭାରତ ସରକାର ଙ୍କ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଣଳୟ ତରଫରୁ ସର୍ତ୍ତ ହାସଲ କରିବା ପରେ ହାଇଦ୍ରାବାଦ ର ନବଯୁଗ କମ୍ପାନୀ ଏହି ପ୍ରକଳ୍ପ କୁ କରିବାପାଇଁ ନିଷ୍ପତ୍ତି ହୋଇଥିଲା ରାଜ୍ୟ ସରକାର ଙ୍କ ତରଫରୁ, ମାତ୍ର ପ୍ରଥମ ଜନଶୁଣାଣୀ ରେ ଲୋକ ଙ୍କ ରାୟ କୁ ନେଇ ପ୍ରସ୍ତାବିତ ବନ୍ଦର କୁ ବିରୋଧ କରାଯିବା ପରେ ଏହା ଉପରେ ମାନ୍ୟବର ହାଇକୋର୍ଟ ରହିତା ଦେଶ ଲଗାଇ ପୁନଃବାର ପ୍ରସ୍ତାବିତ ଅଞ୍ଚଳ ରେ ଉକ୍ତ ଲୋକ ମାନଙ୍କୁ ନେଇ ଜନଶୁଣାଣୀ କରିବାକୁ ନିର୍ଦ୍ଦେଶ ଦେବା ପରେ ୨୧ ତାରିଖ ରେ ଛୁରାଆନା ପଞ୍ଚାୟତ ପିର ଜାହାନିଆ ବେଳାଭୂମି ନିକଟରେ ଜନଶୁଣାଣୀ ହୋଇଥିଲା । ମାତ୍ର ଏହି ଜନଶୁଣାଣୀ ରେ ଛୁରିଆନା, ଶିଶୁଅ, ନୂଆଗଡ, ଅସ୍ତରଙ୍ଗ ଭଳି ଉପକୂଳ ପଞ୍ଚାୟତ ର ପ୍ରାୟ ୧୫ ହଜାର ଲୋକ ଏହାକୁ ତୀବ୍ର ବିରୋଧ କରିଥିଲେ। ପରବର୍ତ୍ତୀ ଜନଶୁଣାଣୀ ଆଜି ପାଟଓଳଦା ପଞ୍ଚାୟତ ସୁନ୍ଦର ହାଇସ୍କୁଲ ପଡିଆ ରେ ଅନୁଷ୍ଠିତ ହୋଇଛି। କିନ୍ତୁ ଏଠି ବି ପୂର୍ ଅବସ୍ଥା ଭଳି ଆଜି ବି କମ୍ପାନୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ ହୋଇଛି,ଅସ୍ତରଙ୍ଗ ଅଞ୍ଚଳ ଧାନ, ପାନ, ମୀନ ଚାଷ କୁ ନେଇ ପ୍ରସିଦ୍ଧ, ଏହି ଉପକୂଳ ବାସୀ ନଦୀ ସମୁଦ୍ର ରୁ ମାଛ ଧରିଲେ ନିଜ ପରିବାର ପୋଷଣ କରନ୍ତି, ଏହା ସହ ଲୁଣା ଜଙ୍ଗଲ ଏହି ଅଞ୍ଚଳ ରେ ପ୍ରକୃତି ର ବରଦାନ ସଦୃଶ, ଯାହା ପ୍ରାକୃତିକ ଦୁର୍ବିପାକ ରେ ଜନଜୀବନ କୁ ସୁରକ୍ଷା ଦେଇଆସୁଛି । ଶ୍ରୀଲଙ୍କା ରେ ବିରଳ ଅଲିଭରିଡଲେ କଇଁଛ ଏହି ଅଞ୍ଚଳ କୁ ଚାଲିଆସନ୍ତି ଅଣ୍ଡା ଦେବାପାଇଁ ଓ ଏହା ସହ ଅନେକ ବିଦେଶାଗତ ପକ୍ଷୀ, ଡ଼ଲଫିନ ମଧ୍ୟ ଏହି ଅଞ୍ଚଳ କୁ ନିଜର କରି ଅତିଥି ହିସାବରେ ଆସନ୍ତି ମାତ୍ର ଯଦି ଏଠି କମ୍ପାନୀ ବନ୍ଦର କରେ ତାହେଲେ ଏହି ବିରଳ ଜୀବଜଗତ ଉପରେ କୁ ପ୍ରଭାବ ପଡିବ ବୋଲି ପରିବେଶବିତମାନଙ୍କ ମତାମତ ରହିଛି ।ଭାରତ ଇତିହାସ ରେ ଲଣ୍ଡନ ରୁ ଆସିଥିବା ଇଷ୍ଟ ଇଣ୍ଡିଆ କମ୍ପାନୀ ଯେପରି ରାଜୁତି କରି ଭାରତ ଉପରେ ଶାସନ ଜାହିର କରିଥିଲା ସେପରି ପୁନଃବାର ଅସ୍ତରଙ୍ଗ ରେ ନହେଉ ବୋଲି ବିଜେଡି ନେତା ସୁବ୍ରତ ଛାଟୋଇ ମତପ୍ରକାଶ କରିଛନ୍ତି। ଯୁବ ବିଜେପି ନେତା ଦିବାକର ଛାଟୋଇ କହିଛନ୍ତି ଆମେ ଅସ୍ତରଙ୍ଗ ସ୍ୱାଭିମାନ ପାଇଁ ଦଳ ନୁହେଁ ବରଂ ଆମ ମାଟି ପାଇଁ ଜୀବନ ଦେବୁ କିନ୍ତୁ ଉକ୍ତ କମ୍ପାନୀ କୁ ପୁରେଇଦେବୁ ନାହି । ମାତ୍ରାସ ଆଇଆଇଟି ରିପୋର୍ଟ ଅନୁସାରେ ୨୦୧୦ ରେ ଏହି କମ୍ପାନୀ ଚୁକ୍ତି କରିଥିବା ବେଳେ ୨୦୧୩ ରେ ପ୍ରୋଜେକ୍ଟ ରିପୋର୍ଟ ଦାଖଲ ଓ ୨୦୧୬ ରେ ଜଙ୍ଗଲ ଓ ପରିବେଶ ମନ୍ତ୍ରାଣଳୟ ରୁ ମଞ୍ଜୁରୀ ମିଳିଥିଲା । ଏହି କମ୍ପାନୀ ୩ ଟି ପର୍ଯ୍ୟାୟ ରେ ୭, ୪୧୭ କୋଟି ୟାୟ ରେ ଏହି କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା କଥା ମାତ୍ର ସମସ୍ତ କାର୍ଯ୍ୟ କରିବାକୁ ପ୍ରଥମ ଜନଶୁଣାଣୀ ସମୟ ରେ ହାଇକୋର୍ଟ ରେ ଅଭିଯୋଗ ହେବା ପରେ ମାନ୍ୟବର ହାଇକୋର୍ଟ ଙ୍କ ନିର୍ଦ୍ଦେଶ ରେ ଦ୍ୱିତୀୟ ଜନଶୁଣାଣୀ ଛୁରୀଆନା ପଞ୍ଚାୟତ ପିରଜାହାନିଆ ହୋଇଥିଲା, ୯୫%ଲୋକ ଏହାକୁ ତୀବ୍ର ବିରୋଧ କରିବା ସହ ନବଯୁଗ ଫେରିଯିବା ପାଇଁ ଦାବୀ ଉପସ୍ଥାପନା କରିଥିଲେ ଆଜି ୩ୟ ଜନଶୁଣାଣୀ ରେ ସମାନ ପରିସ୍ଥିତି ଦେଖିବାକୁ ମିଳିଛି । ପାଖାପାଖି ୧୫ ରୁ ୨୦ହଜାର ଲୋକ ଏହି ପ୍ରକଳ୍ପ ବିରୁଦ୍ଧରେ ଜନମତ ଦେଇଛନ୍ତି। ଯାହାକୁ ନେଇ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ଏହି ସବୁ ତଥ୍ୟ ସରକାର ଙ୍କୁ ପଠାଯାଇ ନିଷ୍ପତି ନିଆଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

ବେଙ୍କ୍ରିକିଆ ଶାଖା କୁଇ ସମାଜ ସେବା ସମିତିର ବାର୍ଷିକ ଅଧିବେଶନ ପାଇଁ ପ୍ରସ୍ତୁତି ବୈଠକ

କନ୍ଧମାଳ :(ମହାଭାରତ): କନ୍ଧମାଳ ଜିଲ୍ଲାର କୁଇ ସମାଜ ସେବା ସମିତି ଫୁଲବାଣୀ ଅଧିନରେ ପରିଚାଳିତ ହେଉ ଥିବା ଦଳପଡା ଓ ଆର୍ ନୂଆଁ ଗାଁ ପଞ୍ଚାୟତ କୁ ନେଇ ଗଠିତ କୁଇ ସମାଜ ସେବା ସମିତି ବେଙ୍କ୍ରିକିଆ ଶାଖାର ଆଜି ୨୦୨୫ ବାର୍ଷିକ ଅଧିବେଶନ ପାଇଁ ଖଜୁରୀପଡା ବ୍ଲକ ଦଳପଡା ପଞ୍ଚାୟତ ଅନ୍ତର୍ଗତ ନଗଲେଜୁ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନା ପ୍ରକାରେ ବେଙ୍କ୍ରିକିଆ ଶାଖା କୁଇ ସମାଜ ସେବା ସମିତିର ଦଳପଡା ପଞ୍ଚାୟତ ନଗଲଜୁ ଗ୍ରାମରେ ଶାଖାର ବାର୍ଷିକ ଅଧିବେଶନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ତଦ୍ ସହିତ ଶାଖାର କିପରି ସଂଗଠନ ମଜଭୁତ ହେବ ଏବଂ ଏଥିରେ ମହିଳା ମାନେ ମଧ୍ୟ ସଂଯୋଗ ହେବେ ସେଥିପାଇଁ କିଛି ଗୁରୁପୂର୍ଣ୍ଣ ପଦକ୍ଷେପ ନିଆଯାଇଥିଲା । ଉକ୍ତ ବୈଠକରେ ସଭାପତି ଶ୍ରୀ ଗୌତମ ପ୍ରଧାନ, ସମ୍ପାଦକ ଲଳିତ କୁମାର ମଳିକ, ଉପସଭାପତି ଅର୍ଜୁନ ମଳିକ, କୋଷାଧକ୍ଷ ବଳରାମ ମଳିକ, କୁଇ ସମାଜ ଯୁବପରିଷଦ କନ୍ଧମାଳ ସମ୍ପାଦକ ଶ୍ରୀ ଅଚ୍ୟୁତ ଯାନୀ, କେନ୍ଦ୍ର କୁଇ ସମାଜ ସେବା ସମିତି କୋଷାଧକ୍ଷ ଭାବିନ୍ଦ୍ର କହଁର ସମେତ ଶାଖାର ଗ୍ରାମ୍ୟ କମିଟିର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

ନୂତନ ବ୍ଲକ ଗଠନ କରିବା ପାଇଁ ଚନ୍ଦ୍ରଗିରିରେ ପ୍ରସ୍ତୁତି ବୈଠକ

ମୋହନା (ମହାଭାରତ): ଚନ୍ଦ୍ରଗିରି ଆ□ଳିକ ଉନ୍ନୟନ ପରିଷଦ ପକ୍ଷରୁ ନୂତନ ବ୍ଲକ ଗଠନ ନିମନ୍ତେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଯୁବ ସରପ□ ଜିଖରାୟ ମାଝୀ ଙ୍କ ସଭାପତିତ୍ୱରେ ୧୦ ନମ୍ବର ଜୋନ ର ୧୩ ଗୋଟି ପଞ୍ଚାୟତର ସମସ୍ତ ସରପ□ ସମସ୍ତ ସମିତି ତଥା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବୁଦ୍ଧି ଯିବି ଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଚନ୍ଦ୍ରଗିରି କୁ ନୂତନ ବ୍ଲକ ଭାବେ କିପରି

'ଡଲାରକୁ ବଦଳାଇବା ଉଦ୍ୟମ କଲେ ବ୍ରିକ୍ସ ଉପରେ ୧୦୦% ଶୁଳ୍କ ଲାଗିବ'

ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ଭାରତ ସମେତ ବ୍ରିକ୍ସର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବା ନେଇ ଧମକ ଦେଇଛନ୍ତି । ବ୍ରିକ୍ସ ଯଦି ଆମେରିକାର ମୁଦ୍ରା ଡଲାରକୁ ବ୍ୟବହାର ନକରି ବ୍ରିକ୍ସ ମୁଦ୍ରାର ଯୋଜନା କରେ ତାହେଲେ ଏଭଳି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ଭାଷଣରେ କହିଛନ୍ତି ଯେ ଡଲାର ଠାରୁ ଦୂରେଇ ଯିବାକୁ ଯେକୌଣସି ପ୍ରକାର ପ୍ରଚେଷ୍ଟାକୁ ସହ୍ୟ କରାଯିବ ନାହିଁ । ଯଦି ବ୍ରିକ୍ସ ଦେଶ ଏହା କରନ୍ତି ତାହେଲେ ସେମାନେ ଆମେରିକା ସହିତ କରୁଥିବା ବାଣିଜ୍ୟ ଉପରେ ଆମେ ଅତିକମରେ ୧୦୦ ପ୍ରତିଶତ ଶୁଳ୍କ

ଲଗାଇବୁ । କେବଳ ସେତିକି ନୁହେଁ ବିଶ୍ୱ ବାଣିଜ୍ୟରେ ଡଲାରର ଭୂମିକାକୁ ଗେଣ କରିବା ପାଇଁ ବିଚାର କରାଗଲେ ଅନ୍ୟ ଦେଶଗୁଡ଼ିକ ଉପରେ ବଡ଼ଧରଣର ଶୁଳ୍କ ଲାଗୁ କରାଯିବ । ବ୍ରିକ୍ସରେ ବର୍ତ୍ତମାନ ଭାରତ, ରୁଷିଆ, ଚୀନ, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ ଭଳି ୧୦ଟି ଦେଶ ରହିଛନ୍ତି । ଆମେରିକାର ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ତାଙ୍କ ଦେଶ ପକ୍ଷରୁ ବିଭିନ୍ନ ଦେଶକୁ ବିଦେଶୀ ସହାୟତା କାର୍ଯ୍ୟକ୍ରମ ଅଧୀନରେ ପ୍ରଦାନ କରାଯାଉଥିବା ଅର୍ଥରାଶି ପ୍ରଦାନକୁ ୯୦ ଦିନ ପାଇଁ ସ୍ଥଗିତ ରଖିଛନ୍ତି । ତାଙ୍କ ପ୍ରଶାସନର ନୀତି ଓ ଲକ୍ଷ୍ୟକୁ ଏସବୁ ସହାୟତା ସମର୍ଥନ କରୁଛି କି ନାହିଁ ତାହାକୁ ସମୀକ୍ଷା କରାଯିବା ପରେ ଏ ନେଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ । ତେବେ ଏହି ନିର୍ଦ୍ଦେଶ ଦ୍ୱାରା କେତେ ପରିମାଣର ବିଦେଶୀ ସହାୟତା ପ୍ରଭାବିତ ହେବ ତାହା ବର୍ତ୍ତମାନ ସ୍ପଷ୍ଟ ହୋଇନାହିଁ ।

ଭାକ୍ସିନର ମୂଲ୍ୟ ସ୍ଥିର କରିବାର ସ୍ୱାଧୀନତା ମିଳିବା ଉଚିତ

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ସିରମ୍ ଇନଷ୍ଟିଟ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଅଦାର ପୁନାୱାଲା ଦାଭୋସ୍ରେ ଭାକ୍ସିନ୍ ଇଣ୍ଡଷ୍ଟ୍ରିଜ ପାଇଁ ଏକ ସ୍ୱତନ୍ତ୍ର ଅପିଲ୍ କରିଛନ୍ତି । ଅଦାର ପୁନାୱାଲା ବିକାଶ ଓ ରିନ୍ୟୁଏବେଲ ପାଇଁ ଉଚିତ୍ ପ୍ରାଇସ୍ ସ୍ଥିର କରିବାକୁ ଦାବି କରିଛନ୍ତି । ପୁନାୱାଲା ବିଜନେସ୍ ଟୁଡେର କାର୍ଯ୍ୟକାରୀ ନିର୍ଦ୍ଦେଶକ ରାହୁଲ କମ୍ୱଲଙ୍କୁ କହିଛନ୍ତି, ଆମେ ନିଜର ଉତ୍ପାଦକ ଗୁଡ଼ିକର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ କରିବାର ହକ୍ ମିଳିବା ଉଚିତ୍ । ସେ ଏହି କଥା ଉପରେ ଜୋର ଦେଇଛନ୍ତି କି, ଭାକ୍ସିନ ସେକ୍ଟରରେ ପ୍ରମୋସନ ବା ଛୁଟିର ଆବଶ୍ୟକତା ନାହିଁ, ବରଂ ଅଧିକ ପ୍ରାଇସ୍ କଣ୍ଟ୍ରୋଲରୁ ଆଶ୍ୱସ୍ତିର ଆବଶ୍ୟକତା ରହିଛି । ପୁନାୱାଲା କହିଛନ୍ତି କି, କିଛି ଭାକ୍ସିନ ରାସ୍ତା କଡ଼ରେ ବିକ୍ରି ହେଉଥିବା ଜୋତା ବା ଚପଲ ଠାରୁ ମଧ୍ୟ କମ୍ ଦାମ୍ରେ ବିକ୍ରି ହୁଏ । ସେ କହିଛନ୍ତି, ଆମେ ଭାକ୍ସିନକୁ ୧ଟଙ୍କା ବା ୨୦୦ଟଙ୍କାରେ ବିକ୍ରି କରିବା ନେଇ ଆଲୋଚନା କରୁ, କିନ୍ତୁ ଯଦି କେହି ଏହାକୁ ୩୦୦ଟଙ୍କାରୁ ୪୦୦ ଟଙ୍କାରେ ମଧ୍ୟ ବିକ୍ରି କରୁଛି କି ଏହା ଭୁଲ୍ ନୁହେଁ । ବିଜନେସ୍

ଉପରେ ଆର୍ଥିକ ଚାପର ବୃଦ୍ଧିକୁ ନେଇ ଏହି କୋଟିପତି କହିଛନ୍ତି, ବିନା ପରାମର୍ଶରେ ଭାକ୍ସିନର ଦାମକୁ ହ୍ରାସ କରାଯାଉଛି, ବୃଦ୍ଧି କରାଯାଉ ନାହିଁ । ଅଦାର ପୁନାୱାଲା ଭାକ୍ସିନ ଇଣ୍ଡଷ୍ଟ୍ରିଜର ତୁଳନା ଆଇଟି, ଅଟୋ ଓ ଫାଇନାନ୍ସ ଭଳି ଉନ୍ନତ ସଂପନ୍ନ ସେକ୍ଟର ସହ କରିଛନ୍ତି ଏବଂ ଏହାର ଚ୍ୟାଲେଞ୍ଜ ଗୁଡ଼ିକ ବିଷୟରେ କହିଛନ୍ତି । ସେ କହିଛନ୍ତି, ଆଇଟି ଉଦ୍ୟୋଗ ପ୍ରତି ତିନି ମାସରେ ୧ ବିଲିୟନ ଟଙ୍କା ଆୟ କରେ । ଅନ୍ୟପଟେ ଭାକ୍ସିନ ଇଣ୍ଡଷ୍ଟ୍ରିଜ୍ ବର୍ଷକରେ ୧ବିଲିୟନ ଟଙ୍କା କମାଇ ପାରୁ ନାହିଁ । ସେ ଚିନ୍ତା ବ୍ୟକ୍ତି କରି କହିଛନ୍ତି କି, ଭାକ୍ସିନ ନିର୍ମାତାଙ୍କ ପାଖରେ ରିସର୍ଚ୍ଚରେ ନିବେଶ କରିବା ବା ଚାକିରି ସୃଷ୍ଟି କରିବାକୁ ପୁଞ୍ଜିର ଅଭାବ ରହିଛି । ଅଦାର ପୁନାୱାଲା କହିଛନ୍ତି, ଯଦିଓ ଆଉ କିଏ ଭାକ୍ସିନ ତିଆରି କରୁ, କିନ୍ତୁ ଯଦି ଆପଣ ଏହାକୁ ଭାରତରେ ତିଆରି କରୁଛନ୍ତି ତ, ସବୁଠୁ ବଡ଼ ଜିନିଷ କମ୍ପାନୀକୁ ଏହାର ପ୍ରାଇସ୍ ସ୍ଥିର କରିବାର ମୁକ୍ତ ମିଳିବା ଉଚିତ୍ । ସେଠାରେ ଇଣ୍ଡଷ୍ଟ୍ରୀ ସହ ମିଟିଂରେ ଭାକ୍ସିନର ପ୍ରାଇସ୍ ଓ ଜିନିଷକୁ ସ୍ଥିର କରିବା ଉଚିତ୍ । ପୁନାୱାଲା ଚେତାବନୀ ଦେଇଛନ୍ତି କି, ବିନା ମୁନାଫାରେ ପୁଣି ଥରେ ନିବେଶରୁ ଉଦ୍ୟୋଗ ସଫଳତା ହାସଲ କରାଯାଇ ପାରିବ ନାହିଁ ବା ଆଗାମୀ ପିଢିର ଟିକା ବିକଶିତ କରିପାରିବ ନାହିଁ । ପୁନାୱାଲା କହିଛନ୍ତି, ଯଦି ଆପଣ ଭାରତକୁ ଫାଇଜର ବା ଜିଏସକେ ଭଳି ବିଶ୍ୱସ୍ତରୀୟ ପ୍ରସିଦ୍ଧ କମ୍ପାନୀ ଗୁଡ଼ିକର ଉତ୍ପାଦନ କରିବାକୁ ଦେଖିବାକୁ ଚାହାନ୍ତି, ତ ଅବସର ଅବଶ୍ୟ ହେବା ଉଚିତ୍ । ଏହି କମ୍ପାନୀମାନେ ୧୦୦-୨୦୦ ବିଲିୟନ ଡଲାର କରିଛନ୍ତି, ଯାହାକି ଆମେ ୧ ବିଲିୟନ ଡଲାରକୁ ଅତିକ୍ରମ କରିବା ପାଇଁ ସଂଘର୍ଷ କରିଥାନ୍ତି ।

ଆପକୁ କଡା ଟାର୍ଗେଟ କଲେ କଂଗ୍ରେସ ନେତା

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ଦିଲ୍ଲୀରେ ବିଧାନସଭା ନିର୍ବାଚନ ପାଇଁ ଦଳମାନଙ୍କ ମଧ୍ୟରେ ଜୋରସୋରରେ ପ୍ରସ୍ତୁତି ଚାଲିଛି । ଫେବୃଆରୀ ୫ ତାରିଖରେ ଭୋଟ ଗ୍ରହଣ କରାଯିବ । ନିର୍ବାଚନ ଫଳାଫଳ ଫେବୃଆରୀ ୮ ତାରିଖରେ ଘୋଷଣା କରାଯିବ । ଏହି ସମୟରେ, ବିଜେପି, ଆମ ଆଦମୀ ପାର୍ଟି ଏବଂ କଂଗ୍ରେସ ପରସ୍ପରକୁ କଡ଼ା ଟାର୍ଗେଟ କରୁଛନ୍ତି । ଏପରି ପରିସ୍ଥିତିରେ ଏବେ କଂଗ୍ରେସ ନେତା ଅଜୟ ମାକେନ ଅରବିନ୍ଦ କେଜରିୱାଲଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଥିଲେ ଯେ କେଜରିୱାଲ ଜଣେ ନକଲି ବ୍ୟକ୍ତି ଏବଂ ସେ ଦେଶ ବିରୋଧୀ । ସେ କହିଲେ ଯେ ଆଜି ମୁଁ କେଜ୍ରିୱାଲଙ୍କ ଦୁର୍ନୀତିର ପ୍ରଥମ ପ୍ରମାଣ ସମସ୍ତଙ୍କ ସାମ୍ନାରେ ରଖିବାକୁ ଚାହୁଁଛି । ଦିଲ୍ଲୀରେ ଜଣେ ନେତା ଅଛନ୍ତି ଯିଏ ଦୁର୍ନୀତି ବିରୁଦ୍ଧରେ ଲଢ଼ିବା ପାଇଁ ନିଜସ୍ୱ ଦଳ ଗଠନ କରିଥିଲେ । ସେତେବେଳେ କେଜରିୱାଲ ସିଏଜି ରିପୋର୍ଟ ଆଧାରରେ କଂଗ୍ରେସ ବିରୋଧରେ ଅଭିଯୋଗ ଆଣୁଥିଲେ । ଅଜୟ ମାକେନ କହିଛନ୍ତି ଯେ ବର୍ତ୍ତମାନ ସିଏଜିର ଏପରି ୧୪ଟି ରିପୋର୍ଟ ଅଛି ଯେଉଁଥିରେ ଅରବିନ୍ଦ କେଜରିୱାଲ ସରକାରଙ୍କ ବିରୁଦ୍ଧରେ ଦୁର୍ନୀତିର ଗମ୍ଭୀର ଅଭିଯୋଗ ଅଛି, କିନ୍ତୁ ବର୍ତ୍ତମାନ ସେହି ରିପୋର୍ଟଗୁଡ଼ିକ ବାହାରକୁ ଆସୁନାହିଁ । ଏପରି ପରିସ୍ଥିତିରେ, ଆମେ କେଜରିୱାଲଙ୍କୁ

ପଚାରିବାକୁ ଚାହୁଁଛୁ ଯେ ଏହି ରିପୋର୍ଟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମାମଲାରେ ୩୮୨ କୋଟି ଟଙ୍କାର ଦୁର୍ନୀତି କିପରି ହୋଇଛି । ମାକେନ କହିଛନ୍ତି ଯେ ଇନ୍ଦିରା ଗାନ୍ଧୀ ହସ୍ପିଟାଲରେ ୩୧୪ କୋଟି ଟଙ୍କା ଏବଂ ବୁରାଦି ହସ୍ପିଟାଲରେ ୪୧ କୋଟି ଟଙ୍କା ଅପବ୍ୟବହାର କରାଯାଇଛି । ଏହି ସମୟରେ, ନୂଆଦିଲ୍ଲୀ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ସନ୍ଦୀପ ଦୀକ୍ଷିତ କହିଛନ୍ତି, ଯେକେହି ଯେକୌଣସି ରାଜ୍ୟକୁ ଆସି ପ୍ରଚାର କରିପାରିବେ କିନ୍ତୁ ଆପଣ ସରକାରୀ କଳକୁ ବ୍ୟବହାର କରୁଛନ୍ତି ଆପ କର୍ମୀମାନେ ପଞ୍ଜାବ ପୋଲିସ ଗାଡ଼ିରେ ଦେଖାଯାଇଛନ୍ତି ଓ ଦିଲ୍ଲୀରେ ବୁଲୁଛନ୍ତି । ସେ କହିଥିଲେ, ଏହା କି ପ୍ରକାରର ରାଜନୀତି ଯେ ପଞ୍ଜାବ ପୁଲିସର ଗାଡିଗୁଡ଼ିକ ଆପଣଙ୍କୁ ସୁରକ୍ଷା ଦେବ ? ମୁଁ ପୂର୍ବରୁ ମଧ୍ୟ ଏ ବିଷୟରେ ଅଭିଯୋଗ କରିଥିଲି । ମୁଁ ସେମାନଙ୍କୁ ଏହାର ତଦନ୍ତ କରିବାକୁ ବାରମ୍ବାର କହୁଛି । ନିର୍ବାଚନ ପାଇଁ ପଞ୍ଜାବ ପୁଲିସର ଗାଡିଗୁଡ଼ିକ ଦିଲ୍ଲୀରେ ଅଛି । ସୂଚନା ଥାଉ କି ଯେ ଏହା ପୂର୍ବରୁ ଆମ ଆଦମୀ ପାର୍ଟିର ସଂଯୋଜକ ଏବଂ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ବିଜେପି ଉପରେ ହିଂସା ପ୍ରସାର କରିବାର ଅଭିଯୋଗ ଆଣିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରିବା ସମୟରେ ସେ କହିଛନ୍ତି ଯେ ବିଜେପି ଯେଉଁଭଳି ଭାବରେ ହିଂସା ବିସ୍ତାର କରୁଛି, ସାରା ଦିଲ୍ଲୀରୁ ଖବର ଆସୁଛି ।

ଆମେରିକାରେ ୧୮ ହଜାର ବେଆଇନ ପ୍ରବାସୀ ଭାରତୀୟ ଚିହ୍ନଟ

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ଆମେରିକାରେ ବେଆଇନ ଭାବେ ବାସ କରୁଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଚିହ୍ନଟ ଏବଂ ଫେରାଇ ଆଣିବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ସହ ସହଯୋଗ କରିବାକୁ ନୂଆଦିଲ୍ଲୀ ପ୍ରସ୍ତୁତ ବୋଲି ବ୍ଲୁମବର୍ଗ ରିପୋର୍ଟ କହିଛି । ରିପୋର୍ଟରେ କୁହାଯାଇଛି ଯେ ପ୍ରାୟ ୧୮ ହଜାର ବେଆଇନ ପ୍ରବାସୀ ଭାରତୀୟଙ୍କୁ ଚିହ୍ନଟ କରାଯାଇଛି ଯାହା ସେମାନଙ୍କୁ ଫେରାଇ ଅଣାଯିବ ଏବଂ ଏଥିପାଇଁ ଭାରତ ନିର୍ବାସନ ପ୍ରକ୍ରିୟା ଆରମ୍ଭ କରିବ । ସୋମବାର ଶପଥ ଗ୍ରହଣ ସମାରୋହରେ ରାଷ୍ଟ୍ରପତି ଟ୍ରମ୍ପ ଆମେରିକାର ଦକ୍ଷିଣ ସୀମାରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି ।ସେ ଘୋଷଣା କରିଛନ୍ତି ଯେ ଦେଶରେ ସମସ୍ତ ବେଆଇନ ପ୍ରବେଶ ତୁରନ୍ତ ବନ୍ଦ ହୋଇଯିବ ଏବଂ ତାଙ୍କ ପ୍ରଶାସନ ଲକ୍ଷ ଲକ୍ଷ ଅପରାଧୀ ବିଦେଶୀଙ୍କୁ ସେମାନେ ଯେଉଁ ସ୍ଥାନରୁ ଆସିଛନ୍ତି ସେହି ସ୍ଥାନକୁ ଫେରାଇ ନିଆଯିବ । ଏହି ଆଧାରରେ ଆମେ ଯଦି ଦେଖିବା ତାହେଲେ ୧୮ ହଜାର ଭାରତୀୟ ଆମେରିକାରୁ ବିଦା ହେବା ନିଶ୍ଚିତ ହୋଇଛି । ଖାଲି ଏତି ନୁହେଁ ଟ୍ରମ୍ପ ଶାସନର ଡୋର ଧରୁ ଧରୁ ସାରା ବିଶ୍ୱକୁ ନାଲି ଆଖି ଦେଖାଇବା ଆରମ୍ଭ କରିଛନ୍ତି ।

ଆମେରିକାରେ ପ୍ରବଳ ତୁଷାରପାତ

ୱାଶିଂଟନ, ୨୩।୧ (ଏଜେନ୍ସି): ନିକଟରେ ଆମେରିକାର କେତେକ ଅଞ୍ଚଳରେ ବ୍ୟାପକ ଅଗ୍ନିକାଣ୍ଡ ଘଟିଥିଲା । ଅନ୍ୟପକ୍ଷରେ, ଦକ୍ଷିଣ ଆମେରିକାରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରବଳ ତୁଷାରପାତ ଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦକ୍ଷିଣ ଆମେରିକାରେ ପ୍ରବଳ ତୁଷାରପାତ ଯୋଗୁ ଏପର୍ଯ୍ୟନ୍ତ ୨୧୦୦ ରୁ ଅଧିକ ବିମାନ ବାତିଲ କରାଯାଇଛି । ଟେକ୍ସାସ୍, ଲୁଇସିୟାନା, ମିସିସିପି, ଅଲବାମା, ଜର୍ଜିଆ, ମଲଓ୍ୱାକ୍, ଦକ୍ଷିଣ କାରୋଲିନା ଏବଂ ଫ୍ଲୋରିଡା ରାଜ୍ୟରେ ପ୍ରବଳ ତୁଷାରପାତ ଜାରି ରହିଛି । ଏହି ରାଜ୍ୟଗୁଡିକର ରାସ୍ତାଘାଟ ବରଫ ହୋଇଯାଇଛି । ଏସବୁ ଅଞ୍ଚଳରେ ୧୦ ଇଞ୍ଚରୁ ଅଧିକ ବରଫ ଜମିଛି । ରାସ୍ତା ବରଫ ଯୋଗୁ ବନ୍ଦ ହୋଇଯାଇଛି । ବିମାନ ବାତିଲ କରାଯାଇଛି । ଅନେକ ରାଜ୍ୟରେ ତାପମାତ୍ରା ଶୂନ ଡିଗ୍ରି ତଳକୁ ଯାଇଛି । ଟେକ୍ସାସ୍, ଜର୍ଜିଆ ଏବଂ ମିଲଓ୍ୱାକ୍ରେ ପ୍ରବଳ ଥଣ୍ଡାରେ ଏପର୍ଯ୍ୟନ୍ତ ୪ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି । ବିଦେଶୀ ଗଣମାଧ୍ୟମ ଅନୁଯାୟୀ, ହ୍ୟୁଷ୍ଟନର ବିମାନବନ୍ଦର ବନ୍ଦ ରହିଛି ଏବଂ ତାଲାହସି ଅନ୍ତର୍ଜାତୀୟ ବିମାନବନ୍ଦରରେ ମଙ୍ଗଳବାର ଅପରାହ୍ନରୁ ସମସ୍ତ ବିମାନ ଚଳାଚଳ ବାତିଲ କରାଯାଇଛି । ବୁଧବାର ହ୍ୟୁଷ୍ଟନର ଜର୍ଜ ବୁଶ୍ ଇଣ୍ଟରକଣ୍ଟିନେଣ୍ଟାଲ୍ ବିମାନବନ୍ଦର ଏବଂ ୱିଲିୟମ୍ ପି. ହବି ବିମାନବନ୍ଦର ଖୋଲିବ ବୋଲି ଆଶା କରାଯାଉଛି । ଲୁଇସିୟାନାର ନିଉ ଅରଲିୟନ୍ସରେ ତୁଷାର ଝଡ଼ ଭଳି ଅବସ୍ଥା ମଧ୍ୟ ସୃଷ୍ଟି ହୋଇଛି ।୧୯୬୩ ମସିହା ପରେ ଏଠାରେ ପ୍ରଥମ ଥର ପାଇଁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ପ୍ରବଳ ତୁଷାରପାତ ଯୋଗୁ ସ୍କୁଲ କଲେଜ ବନ୍ଦ ରହିଛି । ଖରାପ ପାଗକୁ ଦୃଷ୍ଟିରେ ରଖି ଲୁଇସିୟାନା ରାଜ୍ୟପାଳ ଜେଫ ଲ୍ୟାଣ୍ଡି ମଙ୍ଗଳବାର ଏକ ପରାମର୍ଶଦାତା ଜାରି କରିଛନ୍ତି । ସେ କହିଛନ୍ତି, ଆଗାମୀ ସାତ ଦିନ ମଧ୍ୟରେ ଥଣ୍ଡା ବିପଦପୂର୍ଣ୍ଣ ଭାବେ ବିବାକୁ ଯାଉଛି । ଯଦିଓ ରାସ୍ତାଗୁଡ଼ିକ ସ୍ପଷ୍ଟ ଦେଖାଯିବା ଆରମ୍ଭ କରିଛି, ତେବେ ବର୍ତ୍ତମାନ ଅଧିକ ଯାତ୍ରା କରନ୍ତୁ ନାହିଁ । ଜର୍ଜିଆର ସାଭାନାର ମେୟର କହିଛନ୍ତି ଯେ, ଯଦିଓ ଏହି ଅଞ୍ଚଳ ଝଡ଼କୁ ନିୟନ୍ତ୍ରଣ କରିବାକୁ ପ୍ରସ୍ତୁତ ତେବେ ଜମି ରହିଥିବା ବରଫ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବାର ଆଶଙ୍କା ରହିଛି ।

ଏନ୍‌ଡିଏକୁ ନୀତିଶଙ୍କ ଝଟକା !

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଜନତା ଦଳ (ୟୁନାଇଟେଡ୍) ଆଜି (ବୁଧବାର) ମଣିପୁର ସରକାରଙ୍କ ଠାରୁ ନିଜର ସମର୍ଥନ ପ୍ରତ୍ୟାହାର କରିନେଇଛି । ତେବେ ମଣିପୁରରେ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ ନେତୃତ୍ୱରେ ବିଜେପି ସରକାର ଅଛି । ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଜେଡିୟୁ (JDU) ଆନୁଷ୍ଠାନିକ ଭାବରେ ମଣିପୁର ସରକାରଙ୍କ ଠାରୁ ସମର୍ଥନ ପ୍ରତ୍ୟାହାର ଘୋଷଣା କରିଛି । ୨୦୨୨ ମସିହାରୁ ବିଜେପି ସହିତ ମେଣ୍ଟ କରିଥିଲା ଜେଡିୟୁ, କିନ୍ତୁ ଏବେ ଏହା କ୍ଷମତାସୀନ ସରକାର ଠାରୁ ନିଜକୁ ଦୂରେଇ ରଖିଛି । ୨୦୨୨ ମସିହାରେ, ଜେଡିୟୁର ଛଅ ଜଣ ବିଧାୟକଙ୍କ ମଧ୍ୟରୁ ପାଞ୍ଚ ଜଣ ବିଜେପିକୁ ସମର୍ଥନ କରିଥିଲେ, ଯାହା ବିଜେପିର ସ୍ଥିତିକୁ ଆହୁରି ମଜବୁତ କରିଥିଲା । ତେବେ ଜେଡିୟୁର ଏହି ପଦକ୍ଷେପ ସତ୍ତ୍ୱେ, ମଣିପୁରରେ ବୀରେନ ସିଂହଙ୍କ ନେତୃତ୍ୱାଧୀନ ବିଜେପି ସରକାରଙ୍କ ସ୍ଥିରତା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ରାଜ୍ୟ ବିଧାନସଭାରେ ବିଜେପିର ବହୁମତ ମଜବୁତ ଅଛି ଏବଂ କୌଣସି ବାଧା ବିନା କ୍ଷମତାରେ ରହିପାରିବ ।

ଇଡି ଉପରେ ବର୍ଷିଲେ ବମ୍ବେ କୋର୍ଟ

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଉପରେ ବର୍ଷିଲେ ବମ୍ବେ ହାଇକୋର୍ଟ । ସାଧାରଣ ଲୋକଙ୍କୁ କାହିଁକି ହଇରାଣ କରୁଛି ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ । ସୂଚନା ଅନୁସାରେ ମୁମ୍ବାଇ ଭଲେପାଲେର ଏକ ରୟଲଇଷ୍ଟେଟ କମ୍ପାନୀ ବିରୋଧରେ ବଡ ଧରଣ ଅର୍ଥହେରଫେର ଅଭିଯୋଗ ଆଣିବା ସହ ସମନ ପଠାଇଥିଲା ଇଡି ।ଏହା ବିରୋଧରେ ବମ୍ବେ ହାଇକୋର୍ଟରେ ଶୋଷଣ ଅଭିଯୋଗ ଆଣି ଆଣିଥିଲେ କମ୍ପାନୀ ମାଲିକ । ପିଟିସନରେ କୁହାଯାଇଥିଲା ଇଡିର ଅଭିଯୋଗ ଭିତ୍ତିହୀନ ଓ ପ୍ରମାଣ ଆଧାରରରେ କାଯର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମାନସିକ ଯାତନା ଦିଆଯାଉଛି । ତେବେ କୋର୍ଟ ଆବେଦନ ଉପରେ ଶୁଣାଣୀ କରି ଇଡିକୁ ପ୍ରଶ୍ନ କରିଥିଲେ । କୋର୍ଟଙ୍କ ପ୍ରଶ୍ନ ଥିଲା କାହିଁକି ନିୟମ ଭିତରେ କାମ କରୁନି ଇଡି ? ଠୋସ ପ୍ରମାଣ ନଥିବା ସତ୍ତ୍ୱେ କାହିଁକି ସମନ ପଠାଇ ହଇରାଣ କରାଯାଉଛି ?ଏହା ଏକ ପ୍ରକାର ଶୋଷଣର । ଭବିଷ୍ୟତରେ ଆଇନ ଓ ନିୟମ ଭିତରେ ରହି କାମ କରିବାକୁ କହିଛନ୍ତି ବମ୍ବେ ହାଇକୋର୍ଟ । ସାଧାରଣ ଜନତାଙ୍କ ଅଯଥାରେ ହଇରାଣ ନକରିବାକୁ ତାଗିଦ କରିଛନ୍ତି ।

କେନ୍ଦ୍ର ସରକାରଙ୍କ ଆଗରେ ୭ଟି ଦାବି ରଖିଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ଆଗରେ ୭ଟି ଦାବି ରଖିଲେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ । ସେ କହିଛନ୍ତି ଆସନ୍ତା ସାଧାରଣ ବଜେଟ ମଧ୍ୟବିତ୍ତଙ୍କ ପାଇଁ ହେଉ । ସେମାନେ ପେଶି ହେଉଛନ୍ତି । ଗରିବ ଲୋକଙ୍କ ପରି ସେମାନେ ଭୋଟ୍ ବ୍ୟାଙ୍କ ନୁହନ୍ତି କି ଧନୀ ଲୋକଙ୍କ ପାଇଁ ସେମାନେ ନୋଟ୍ ବ୍ୟାଙ୍କ ନୁହନ୍ତ । ତେଣୁ ଆସନ୍ତା ବଜେଟରେ ମଧ୍ୟବିତ୍ତଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉ ବୋଲି ଦାବି କରିଛନ୍ତି କେଜ୍ରିୱାଲ । ଶିକ୍ଷା ବଜେଟକୁ ୨ରୁ ୧୦ ପ୍ରତିଶତ କରାଯାଉ । ଉଚ୍ଚଶିକ୍ଷା ପାଇଁ ସବସିଡି ଓ ସ୍କଲାରସିପ ଦିଆଯାଉ । ସ୍ୱାସ୍ଥ୍ୟ ବଜେଟକୁ ୧୦ ପ୍ରତିଶତ କରାଯାଉ । ସ୍ୱାସ୍ଥ୍ୟ ବୀମାକୁ ଟ୍ୟାକ୍ସ ଛାଡ଼ କରାଯାଉ । ଆୟକର ଛାଡ଼ ସୀମାକୁ ୧୦ ଲକ୍ଷ କରାଯାଉ । ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀରୁ ଜିଏସଟି ଛାଡ଼ କରାଯାଉ । ବରିଷ୍ଠ ନାଗରିକଙ୍କ ପାଇଁ କରାଯାଉ ରିଟାୟାରମେଣ୍ଟ ପ୍ଲାନ ଓ ପେନସନ ପ୍ଲାନ । ସମସ୍ତ ସରକାରୀ ଓ ପ୍ରାଇଭେଟ ହସପିଟାଲରେ ବରିଷ୍ଠ ନାଗରିକଙ୍କୁ ମାଗଣା ଚିକିତ୍ସା ଦିଆଯାଉ । ରେଳ ଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ୫୦ ପ୍ରତିଶତ ରିହାତି ଦିଆଯାଉ । ବିଜେପିକୁ ଟାର୍ଗେଟ କରି କେଜରିୱାଲ କହିଛନ୍ତି, ଏହି ଦଳ ହିଂସା ଓ ଗୁଣ୍ଡାଗର୍ଦ୍ଦି କରୁଛି ।

କେଜ୍ରିୱାଲଙ୍କୁ ଅଣନିଶ୍ୱାସୀ କଲେଣି କଂଗ୍ରେସ-ବିଜେପି

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ଜମୁଛି ଦିଲ୍ଲୀ ନିର୍ବାଚନ ପ୍ରଚାର ଲଢେଇ । ହାତରେ ୧୫ ଦିନ ଥିବା ବେଳେ ରଣହୁଙ୍କାର ଦେଉଛନ୍ତି ତିନି ପ୍ରମୁଖ ଦଳର ନେତା । କେମ

ରଣଜୀରେ ବିଫଳ ହେଲେ ରୋହିତ, ଜୟସ୍ୱାଲ୍, ଆୟାର, ଗିଲ୍ ଓ ପନ୍ତ

ମୁମ୍ବାଇ ୧୨୦ ରନ୍‌ରେ ଅଲ୍‌ଆଉଟ୍, ଚର୍ଚ୍ଚାରେ ବୋଲର ଉମର ନାଜିର

ମୁମ୍ବାଇ, ୨୩।୧: ଟେଷ୍ଟ କ୍ରିକେଟରେ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ରୋହିତ ଶର୍ମା ରଣଜୀ ଟ୍ରଫିରେ ମଧ୍ୟ ଫ୍ଲପ୍ ହୋଇଛନ୍ତି। ରଣଜୀ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ମାତ୍ର ୩ ରନ କରି ପାଭିଲିୟନ ଫେରିଥିଲେ। ରୋହିତ ମ୍ୟାଚ୍‌ର ପ୍ରଥମ ଇନିଂସରେ ୧୯ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଏଥିରେ ସେ କୌଣସି ଚୌକା ମାରିପାରି ନ ଥିଲେ। ବ୍ୟାଟିଂ ସମୟରେ ରୋହିତ ଭଲ ଲୟରେ ଥିବା ପରି ମନେ ହେଉ ନ ଥିଲେ। କେବଳ ରୋହିତ ଶର୍ମା ନୁହେଁ ଓପନର ଯଶସ୍ୱୀ ଜୟସ୍ୱାଲ୍ ୪, ରାହାଣେ ୭, ଶ୍ରେୟାର ଆୟାର ୧୧, ଶିବମ ଦୁବେ ୦ ବିଫଳ ହୋଇଛନ୍ତି। ଫଳରେ ଶକ୍ତିଶାଳୀ ମୁମ୍ବାଇ ମାତ୍ର ୧୨୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ଜମ୍ମୁ-କାଶ୍ମୀର ୭ ୱିକେଟ ହରାଇ ୧୭୪ ରନ୍ କରିଛି। ସେହିପରି ପଞ୍ଜାବ ପାଇଁ ଖେଳୁଥିବା ଶୁଭମନ ଗିଲ୍ ୪ ଓ ଦିଲ୍ଲୀ ପାଇଁ ଖେଳୁଥିବା ପନ୍ତ ୧ ରନ୍ କରିଛନ୍ତି।

ତାଙ୍କ ଆଉଟ୍‌ର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ରଣଜୀ ଟ୍ରଫି ୨୦୨୪-୨୫ର ଦ୍ୱିତୀୟ ପର୍ଯ୍ୟାୟ ଆଜି ଅର୍ଥାତ୍ ୨୩ ଜାନୁଆରୀରୁ ଆରମ୍ଭ ହୋଇଛି। ଏଥିରେ ମୁମ୍ବାଇ ଦଳ ଜମ୍ମୁ ଏବଂ କଶ୍ମୀର ବିପକ୍ଷରେ ପ୍ରଥମ ମ୍ୟାଚ ଖେଳୁଛି। ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳାଯାଉଥିବା ମ୍ୟାଚ୍‌ର ପ୍ରଥମ ଇନିଂସରେ ରୋହିତ ଶର୍ମା ସମ୍ପୂର୍ଣ୍ଣ ବିଫଳ ପ୍ରମାଣିତ ହୋଇଥିଲେ।ସେ ଦ୍ରୁତ ବୋଲର ଉମର ନାଜିର ମିରଙ୍କ ବଲ ବୁଝିପାରିଲେ ନାହିଁ ରୋହିତ ଶର୍ମା ଅସହଜ ଭାବରେ ସର୍ଟ ଲେଟ୍ଟ ଡେଲିଭରି ଖେଳିଥିଲେ ଏବଂ ବଲଟି ତାଙ୍କ ବ୍ୟାଟକୁ ସ୍ପର୍ଶ କରି ପବନରେ ଉପରକୁ ଉଠିଥିଲା ଯେଉଁଠାରେ ଏହାକୁ

ଫିଲ୍ଡର ଧରି ନେଇଥିଲେ। ଏହିପରି, ମୁମ୍ବାଇ ପାଇଁ ପ୍ରଥମ ଇନିଂସରେ ରୋହିତ ଶର୍ମା ମାତ୍ର ତିନି ରନ କରି ଆଉଟ ହୋଇଥିଲେ।

ଟିମ ଇଣ୍ଡିଆ ୨୦୨୪-୨୫ରେ ବର୍ଡର ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିଥିଲା। ଏହି ଗସ୍ତରେ, ଭାରତୀୟ ଅଧିନାୟକ ରୋହିତ ଶର୍ମା ପାଞ୍ଚଟି ଟେଷ୍ଟ ମଧ୍ୟରୁ ତିନୋଟିରେ ଅଂଶଗ୍ରହଣ କରିଥିଲେ ହିଟମ୍ୟାନ ତିନୋଟି ମ୍ୟାଚ୍‌ରେ ମାତ୍ର ୩୧ ରନ କରିଥିଲେ। ଏହି ଖରାପ ଫର୍ମ ପରେ, ରୋହିତ ରଣଜୀ ଆଡକୁ ମୁହାଁଇଲେ। କିନ୍ତୁ ସେ ପ୍ରଥମ ଇନିଂସରେ ଏଠାରେ ମଧ୍ୟ ବିଫଳ ହୋଇଥିଲେ।

ହିଟମ୍ୟାନ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୬୭ଟି ଟେଷ୍ଟ ଖେଳିଛନ୍ତି। ଏହି ମ୍ୟାଚ୍‌ଗୁଡ଼ିକର ୧୧୬ ଇନିଂସରେ ବ୍ୟାଟିଂ କରି ସେ ୪୦ ହାରରେ ୪୩୦୧ ରନ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୧୨ଟି ଶତକ ଏବଂ ୧୮ଟି ଅର୍ଦ୍ଧଶତକ ଆସିଛି। ଏଥିରେ ସର୍ବାଧିକ ସ୍କୋର ୨୧୨ ରନ ରହିଛି।

ଚର୍ଚ୍ଚା ଦ୍ରୁତ ବୋଲର ଉମର ନାଜିର ମୀର ।ଜମ୍ମୁ-କଶ୍ମୀର ପାଇଁ ଘରୋଇ କ୍ରିକେଟ ଖେଳୁଥିବା ଉମର ଆଜି ମୁମ୍ବାଇ ବିପକ୍ଷରେ ଦମଦାର ବୋଲିଂ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଆଜି ରୋହିତ ଶର୍ମା, ଅଜିଙ୍କ୍ୟ ରାହାଣେ ଓ ଶିବମ ଦୁବେଙ୍କ ଭଳି ଷ୍ଟାର ବ୍ୟାଟରଙ୍କୁ ନିଜ ଘାତକ ବୋଲିଂରେ ଚକମା ଦେଇ ପ୍ୟାଭିଲିୟନ ପଠାଇଛନ୍ତି।ଉମର ମୁମ୍ବାଇର ଅନ୍ୟତମ ଷ୍ଟାର ହାର୍ଦ୍ଦିକ ୱାମୋରେଙ୍କ କେଟ ବି ନେଇଛନ୍ତି।

ଆଜି ୩୧ ବର୍ଷୀୟ ଉମର ନିଜର ବୋଲିଂ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି ନିଜ ପେସ୍ ଓ ବାଉନ୍ସ ମାଧ୍ୟମରେ ସେ ନିୟମିତ ଭାବେ ମୁମ୍ବାଇର ବ୍ୟାଟରମାନଙ୍କୁ ଘାଇଲା କରି ଚାଲିଥିଲେ ସେ ୧୧ ଓଭର ବୋଲିଂ କରି ୪୧ ରନ ଦେବା ସହ ୪ଟି କେଟ ଦଖଲ କରିଛନ୍ତି ଏଥିଯୋଗୁ ଷ୍ଟାର ଖଚିତ ମୁମ୍ବାଇ ତାର ପ୍ରଥମ ଇନିଂସରେ ମାତ୍ର ୧୨୦ ରନ କରି ଅଲଆଉଟ ହୋଇଯାଇଛି ୬ ଫୁଟ ୪ ଇଞ୍ଚ ଉଚ୍ଚତାର ମୀରଙ୍କ ପେସ୍ ବୋଲିଂ ଦେଖି ସମସ୍ତେ ପ୍ରଭାବିତ ହୋଇଛନ୍ତି।

ଉମର ନାଜିର ପ୍ରଥମେ ଫର୍ମ ପାଇଁ ସଂଘର୍ଷ କରୁଥିବା ରୋହିତ ଶର୍ମା(୩)ଙ୍କୁ ଶର୍ଟ ପିଚ୍ ବଲରେ ଆଉଟ କରିଥିଲେ ରୋହିତ ତାଙ୍କ ପେସ୍ ଓ ବାଉନ୍ସକୁ ଆଦୌ ବୁଝି ପାରି ନଥିଲେ ଏହାପରେ ୧୨ ରନ କରିଥିବା ରାହାଣେଙ୍କୁ ମୀର କ୍ଲିନବୋଲ୍ଡ କରି ଦେଇଥିଲେ ୧୪ତମ ଓଭରର ଦ୍ୱିତୀୟ ବଲରେ ହାର୍ଦ୍ଦିକ ଓ ୫ମ ବଲରେ ଶିବମ ଦୁବେଙ୍କୁ ଖାତା ଖୋଲିବା ପୂର୍ବରୁ ମୀର ପ୍ୟାଭିଲିୟନ ପଠାଇ ଦେଇଥିଲେ।

ଜମ୍ମୁ-କଶ୍ମୀର ପାଇଁ ମୀର ଦୀର୍ଘଦିନ ହେଲା କ୍ରିକେଟ ଖେଳୁଥିଲେ ହେଁ କେବେ ହେଲେ ଚର୍ଚ୍ଚାକୁ ଆସି ନଥିଲେ କିନ୍ତୁ ଆଜି ମୁମ୍ବାଇ ବିପକ୍ଷ ରଣଜୀ ମ୍ୟାଚ୍‌ରେ ସେ ଘାତକ ବୋଲିଂ କରିବାରୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି ମୀର ୨୦୧୩ରେ ଜମ୍ମୁ-କଶ୍ମୀର ପାଇଁ ଡେବ୍ୟୁ କରିଥିଲେ। ସେବେଠାରୁ ଇତି ମଧ୍ୟରେ ସେ ୫୭ଟି ମ୍ୟାଚ୍ ଖେଳି ୧୩୮ଟି ୱିକେଟ ନେଇଛନ୍ତି ଲିଷ୍ଟ ଏ କ୍ରିକେଟରେ ତାଙ୍କ କେଟ ସଂଖ୍ୟା ୫୪ ଥିବା ବେଳେ ଟି-୨୦ ଫର୍ମାଟରେ ମୀର ୩୨ଟି ୱିକେଟ ନେଇଛନ୍ତି।

କୁରସୁଡ଼ ବିଜୟୀ

ବଙ୍ଗୋମୁଣ୍ଡା, ୨୩।୦୧- ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ସ୍ଥିତ ଖେଳପଡିଆଠାରେ ସ୍ୱାମୀ ବିବେକାନନ୍ଦ ପାଠାଗାର,ଏଥଲେଟିକ୍ସ ଏସୋସିଏସନ ବଙ୍ଗୋମୁଣ୍ଡା ପକ୍ଷରୁ ପ୍ରଥମ ବର୍ଷ ଗୋପରାମ ହଂସ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ପଞ୍ଚମ ଦିବସ ରେ ପହଞ୍ଚିଛି ପଞ୍ଚମ ଦିବସରେ ଆୟୋଜକ ଡବ୍ଲୁ ହଂସ, ଶଶାଙ୍କ ଶେଖର ଦାସ ଯାଦବ, ମଣ୍ଟୁ ସରାଫ, ସୁନିଶ ପ୍ରଧାନୀ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ପଞ୍ଚମ ଦିବସ ମ୍ୟାଚ ଘୁଷୁରାମୁଣ୍ଡା ଓ କୁରସୁଡ଼ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ଭାବେ ଖେଳ ହୋଇଥିବା ବେଳେ ଘୁଷୁରା ମୁଣ୍ଡା କୁ ପରାସ୍ତ କରି କୁରସୁଡ଼ ଦଳ ଫାଇନାଲରେ ପହଂଚିଛି। ଆୟୋଜକ କମିଟିର ଡବ୍ଲୁ ହଂସ, ଯତୀନ ସିନ୍ଦୁର, ମଣ୍ଟୁ ସରାଫ,ମଣ୍ଟୁ ଟାଣି,ଦିବସ ମାଝୀ, ଶଶାଙ୍କ ଶେଖର ଦାସ ଯାଦବ, ସୁଧୀର ବାଗ, ଦିବ୍ୟସିଂ ନାଏକଙ୍କ ସହ ଆୟୋଜକ କମିଟି ସହଯୋଗ କରିଥିଲେ ଆଶୀର୍ବାଦ ସା ରେଫରୀ ଓ ଅଶ୍ନିନୀ ଭୁକ୍ତା, ପ୍ରତାପ ଭୁକ୍ତା, ଲାଇନ ମ୍ୟାନ ଭାବରେ ଖେଳ ପରିଚାଳନା କରିଥିଲେ। ରଶ୍ମିକାନ୍ତ ସିନ୍ଦୁର ଚତୁର୍ଥ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ଜାନୁଆରୀ ୨୬ ତାରିଖ ଦିନ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ପ୍ରତିଯୋଗିତା

ପଟ୍ଟାମୁଣ୍ଡାଇ, ୨୩।୧: ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମ ଏନ ହାଇସ୍କୁଲ ପଡିଆରେ ଆନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆନ୍ତଃ ଜିଲ୍ଲା ୧୫ବର୍ଷରୁ ଉର୍ଦ୍ଧ ବାଳକ ମାନଙ୍କୁ ନେଇ ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଉଦଘାଟନ ଉତ୍ସବ ରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତା ଉଦଘାଟନ କରିଥିଲେ। ଅତିରିକ୍ତ ଏସ ପି ଦେବାଶିଷ ଧଳ,ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ। ୭ଦିନ ବ୍ୟାପି ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ଜିଲ୍ଲାର ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ କେନ୍ଦ୍ରାପଡ଼ା ଟାଉନ କ୍ଲବ ଓ ରାଜକନିକା ଆଥଲେଟିକ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏଥିରେ ରାଜକନିକା ଆଥଲେଟିକ ଆସୋସିଏସନ ୨-୦ ଗୋଲରେ କେନ୍ଦ୍ରାପଡ଼ା

ଟାଉନ କ୍ଲବକୁ ପରାସ୍ତ କରି ଚଳିତବର୍ଷ ପାଇଁ ଚମ୍ପିୟାନ ହୋଇଛି ।

ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲ୍ଲାର କୋଣଅନୁକୋଣରେ ଥିବା ଯୁବପ୍ରତିଭା ମାନେ କ୍ରୀଡା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବା ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ଓ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଅକମଲ ଅଲ୍ଲୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳର ଯୁବକମାନଙ୍କ କ୍ରୀଡା ପ୍ରତିଭା ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଟ୍ରଫି କ୍ରୀଡା ପ୍ରତିଯୋଗିତା ଏକ ବଳିଷ୍ଠ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ବିଜୟୀ ରାଜକନିକା ଆଥଲେଟିକ ଆସୋସିଏସନକୁ ମୁଖ୍ୟମନ୍ତ୍ରୀ ଟ୍ରଫି ଓ କେନ୍ଦ୍ରାପଡ଼ା ଟାଉନ କ୍ଲବକୁ କପ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ମହମଦ ସକିଲନ, ଅବଦୁଲ ମାଟିନ ସେକ ସଲିମ ଅହମଦ, ରାମ ଚନ୍ଦ୍ର ହାଁସଦା ପ୍ରମୁଖ ରେଫରୀ ଦାୟିତ୍ୱ ନିର୍ବାହ କରିଥିବାବେଳେ ଜିଲ୍ଲା କ୍ରୀଡା ସମ୍ପାଦକ ଜ୍ୟୋତିମୟ ଦାସ, ଯୁଧିଷ୍ଠିର ଲେଙ୍କା,ଦେବେନ୍ଦ୍ର ସାହୁ, ମନୋଜ ସାହୁ, ଶଶାଙ୍କ ଶେଖର ସାହୁ, ମିଜା ସଲିମ ବେଗ,ଦେବ ସୁନ୍ଦର ପାଢ଼ୀ, ଆବାସ ଖାନ, ସେକ ରାବନି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ବାର୍ଷିକ ମହୋତ୍ସବରେ ଫାଇନାଲ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

ମୟୂରଭଞ୍ଜ, ୨୩।୧: ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଏନ୍.ୱାଇ.ଏସ ସଂଘ ପକ୍ଷରୁ ବାର୍ଷିକ ମହୋତ୍ସବରେ ଫାଇନାଲ୍ ଫୁଟବଲ ଟୁର୍ଣ୍ଣାମେଟ ମୁଖ୍ୟ ଅତିଥି ତାଳଗାଁ ସରପଞ୍ଚ ଡମ୍ବରୁଧର ହେମ୍ରମ ଏବଂ ଗ୍ରାମର କୁନିକୁନି ଶିଶୁମାନଙ୍କ ଜରିଆରେ ଶୁଭାରମ୍ଭ କରାଯାଇଥିଲା। ଜାମଦା ସରସ୍ୱତୀ ଶିଶୁ ମନ୍ଦିରର ଭାଇମାନେ ଘୋଷବାଦ୍ୟ ପତାକାଧାରୀ ପ୍ରବେଶ କରିବା ସହ ଅତିଥିମାନଙ୍କୁ ପାଛୋଟି ଆଣିଥିଲେ। ଗତ ୨୧/୦୧ ରୁ ଫୁଟବଲ ଖେଳ ରେ ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲ। ଏଥିରେ ଭାଦୁ ସ୍ପୋର୍ଟିଂ ଦଳ ପ୍ରଥମ,ଦୀପକ ଏଫ୍ସି ଦ୍ୱିତୀୟ,ଘାସିରାମ ଏଫ୍ସି ବି ୩ୟ,ଘାସିରାମ ଏଫସିସି ୪ର୍ଥ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଫୁଟବଲ ଖେଳର ଧାରା ବିବରଣୀ ପ୍ରଭାସ କୁମାର ପାତ୍ର ଦେଇଥିଲେ। ସମ୍ମାନୀୟ ଅତିଥି ଅନନ୍ତ ମୁର୍ମୁ,ରାଇସେନ ମାର୍ଣ୍ଡି ଉପସ୍ଥିତ ରହି ଫୁଟବଲ ଖେଳ ଉପରେ ବକ୍ତବ୍ୟ ଦେବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ନେତାଜୀ ଯୁବକ ସଂଘ କାଣ୍ଡସରର ସମ୍ପାଦକ ଲକ୍ଷ୍ମଣ ଟୁଡୁ,ସହ ସମ୍ପାଦକ ସ୍ୱୟ ନାରାୟଣ ପାତ୍ର,ସଦସ୍ୟ ଦେବ କିଶୋର କାଳନ୍ଦୀ,ଟିଟୁ ବାବୁ,ଠାକୁର ଭାଇ ଫୁଟବଲ ଖେଳ ପରିଚାଳନା କରିଥିଲେ।

ବାରବାଟୀ ମ୍ୟାଚ୍‌ର ଟିକେଟ୍ କିଣିଲେ ଧର୍ମେନ୍ଦ୍ର ପ୍ରଧାନ

କଟକ, ୨୩।୧: ଫେବୃଆରୀ ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ ଏହାକୁ ନେଇ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି ବଡ଼ ବଡ଼ ରାଜନେତା ଏହି ମ୍ୟାଚ୍ ପାଇଁ ଟିକେଟ୍ କିଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରବାଟୀ ମ୍ୟାଚ୍ ପାଇଁ ଟିକେଟ କିଣିଛନ୍ତି ଗୁରୁବାର ସମ୍ବଲପୁରରେ ଓଡ଼ିଶା କ୍ରିକେଟ ଆସୋସିଏସନର ସଦସ୍ୟମାନେ ଭେଟିଛନ୍ତି । କ୍ରିକେଟ ମ୍ୟାଚର ଆୟୋଜନ ଓ ବ୍ୟବସ୍ଥା ଉପରେ ଆଲୋଚନା କରିଛନ୍ତି ଧର୍ମେନ୍ଦ୍ର। ସୂଚନାଯୋଗ୍ୟ, ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦିନିକିଆ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଫେବୃଆରୀ ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ।

ମୋହନା ଚମ୍ପିୟନ

ଦିଗପହଣ୍ଡି, ୨୩।୧:: ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତ ଗୋଲାଣ୍ଡା ଗ୍ରାମ ବୃନ୍ଦାବନ ଚନ୍ଦ୍ର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସପ୍ତାହ ଧରି ଚାଲିଥିବା ଗୌରୀଶଙ୍କର ଓ ଚନ୍ଦନ ସ୍ମାରକୀ ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି ଗଜପତି ଜିଲା ମୋହନା ଗ୍ରାମର ସ୍ମାର୍ଟ ସିକ୍ସ ଭଲିବଲ ଟିମ୍ ୩-୦ ସେଟ ବ୍ୟବଧାନରେ ଗଞ୍ଜାମ ଜିଲା ବ୍ରହ୍ମପୁରର ପାୟାର ସିକ୍ସ ଟିମ୍‌କୁ ପରାସ୍ତ କରି ଚମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ।ଉଦଯାପନୀ ଉତ୍ସବରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଟୁର୍ନାମେଣ୍ଟର ଶ୍ରେଷ୍ଠ ବିବେଚିତ ଖେଳାଳିଙ୍କୁ ପାଇଁ ଏକ ସାଇକେଲ ଉପହାର ଦେବା ସହ ଅଭିଭାଷଣ ପ୍ରଦାନ କରିଥିଲେ।

ଜିଲ୍ଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ୍ ବିଜୟୀ

କେନ୍ଦ୍ରାପଡ଼ା, ୨୨।୧: କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ ସୁପର ଲିଗ୍ ମ୍ୟାଚ୍‌ରେ ବୁଧବାର ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ବିଜୟୀ ହୋଇଛି। ବୁଧବାର ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ଓ ବାଲାବାବା କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ବ୍ୟାଟିଂ କରି ୩୫ ଓଭରରେ ୯ ୱିକେଟ୍ ବିନିମୟରେ ୨୪୭ ରନ୍ କରିଥିଲା । ଜବାବରେ ବାଲାବାବା

କ୍ରିକେଟ୍ କ୍ଲବ ୧୬.୪ ଓଭରରେ ୧୦ ୱିକେଟ୍ ବିନିମୟରେ ୬୨ ରନ୍ କରିଥିଲା। ଫଳରେ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ୧୮୫ ରନ୍‌ରେ ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍‌ରେ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନର ପ୍ରଭୁ ପ୍ରିତମ ନାୟକ ୧୨ଟି ଚୌକା ମାରି ୯୩ ବଲ୍‌ରେ ୯୪ ରନ୍ କରିଥିବା ବେଳେ ୨ ଓଭର ବୋଲିଂ କରି ଗୋଟିଏ ମେଡେନ୍ ଓଭର ସହିତ ୩ରନ୍ ଦେଇ ୨ଟି ୱିକେଟ୍ ନେଇ ମ୍ୟାନ ଅଫ୍ ଦ ମ୍ୟାଚ୍ ଟ୍ରଫି ଗ୍ରହଣ କରିଥିଲେ। ପ୍ରଫୁଲ୍ଲ କୁମାର ମଲ୍ଲିକ ଅତିଥି ଭାବେ ଯୋଗଦେଇ ଏହି ଟ୍ରଫି ପ୍ରିତମଙ୍କୁ ପ୍ରଦାନ କରିଥିଲେ । ମ୍ୟାଚ୍‌ରେ ବିଶ୍ୱଜିତ ଅଧିକାରୀ ଓ ଲଲିତେଶ୍ୱ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର କାର୍ଯ୍ୟ କରିଥିଲେ। ବରଦାକାନ୍ତ ବରାଳ ଖେଳର ବିବରଣୀ ପ୍ରକାଶ କରିଥିଲେ । କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କେସି ବୋକାଡିଆ, ସମିର ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ।

ଗାଙ୍ଗୁଲିଙ୍କ ରେକର୍ଡ ଭାଙ୍ଗିଲେ ୧୬ ବର୍ଷୀୟ ଅଙ୍କିତ

ନୂଆଦିଲ୍ଲୀ, ୨୩।୧: ରଣଜୀ ଟ୍ରଫି ୨୦୨୪-୨୫ ସିଜିନରେ ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ପର୍